ଧରିତ୍ରୀ
DHARITRI
February 18-24, 2024 ₹ 2/-

ଧରିତ୍ରୀ 50 Years

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ମିଠା ପଛର କଥା

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ମିଠା ମିଳିଥାଏ। ଯାହାର ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ପୁରା ନିଆରା ଥାଏ। ତେବେ ଏହି ମିଠା ଯେତେବେଳେ ସମସ୍ତଙ୍କର ପ୍ରିୟ ହୋଇଯାଏ, ତାହା ସେହି ଅଞ୍ଚଳ ନାଁରେ ଯୋଡ଼ି ହୋଇଯାଏ। ସେମିତି କିଛି ମିଠା ପଛର କାହାଣୀ ସମ୍ପର୍କରେ...



## ପେଟରେ ଇନ୍‌ଫେକ୍‌ସନ୍ ହେଲେ କ'ଣ ଖାଇପାରିବେ

**ଅସନ୍ତୁଳିତ ଖାଦ୍ୟ ଖାଇବା, ଦୂଷିତ ପାଣି ପିଇବା କିମ୍ବା କୌଣସି ବ୍ୟାକ୍ଟେରିଆ ସଂସ୍ପର୍ଶରେ ଆସିବା ଦ୍ୱାରା ବେଳେବେଳେ ପେଟରେ ଇନ୍‌ଫେକ୍‌ସନ ହୋଇ ଖୁବ୍ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏହି ସମୟରେ କ'ଣ ଖାଇବା ଭଲ କ'ଣ ନୁହେଁ; ତାହାକୁ ନେଇ ଅନେକେ ଦ୍ୱନ୍ଦ୍ୱରେ ରହିଥାନ୍ତି। ଜାଣନ୍ତୁ ସେ ନେଇ କିଛି ଟିପ୍ସ ସମ୍ପର୍କରେ....**

✲ ଏକ ସର୍ବେକ୍ଷଣ ଅନୁଯାୟୀ, ଏହି ସମୟରେ ଦହି ହେଉ କିମ୍ବା ଛାଛ ଖାଇବା ଶରୀର ପାଇଁ ଉପକାରୀ ହୋଇଥାଏ। ଏଥିରେ ଥିବା ପ୍ରୋବାୟୋଟିକ୍ସ ତତ୍ତ୍ୱ ପାଚନ ତନ୍ତ୍ରକୁ ସକ୍ରିୟ କରିବାରେ ସାହାଯ୍ୟ କରିଥାଏ। ତା'ସହିତ ଦହି ଶରୀରକୁ ସତେଜ ରଖେ।

✲ ପଇଡ଼ ପାଣି ବି ଏହି ସମୟରେ ପିଇପାରିବେ। ଏଥିରେ ଥିବା ଇଲେକ୍ଟ୍ରୋଲାଇଟ୍ସ ତତ୍ତ୍ୱ ବାନ୍ତି ତଥା ପତଳା ଝାଡ଼ା ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ। ଶରୀରକୁ ସତେଜ ଓ ସୁସ୍ଥ ରଖିବା ସହ ପାଚନ ତନ୍ତ୍ରକୁ ମଧ୍ୟ ଠିକ୍ କରିବାରେ ଏହା ଉପଯୋଗୀ ହୋଇଥାଏ।



✲ ସୁପ୍ ମଧ୍ୟ ପେଟ ଇନ୍‌ଫେକ୍‌ସନରୁ କେତେକାଂଶରେ ରକ୍ଷା କରିଥାଏ। ଅଧିକ ସୁଫଳ ପାଇଁ ସୁପରେ ପୁଦିନା/ ଅଦା/ ପାନମଧୁରୀରୁ କିଛି ମିଶାଇପାରିବେ। ଏଥିରେ ପ୍ରାକୃତିକ ଆଣ୍ଟି-ଅକ୍ସିଡାଣ୍ଟ ତଥା ଆଣ୍ଟି-ଇନ୍‌ଫ୍ଲେମେଟରୀ ଗୁଣ ଭରି ରହିଥିବାରୁ ଏହା ଶରୀର ପାଇଁ ଉପକାରୀ ହୋଇଥାଏ।

✲ ଏହି ସମୟରେ ଏମିତି ଫଳ ଓ ପରିବା ଖାଇବା ଦରକାର; ଯାହା ତାଜା ହେବା ସହ ଶୀଘ୍ର ହଜମ ହୋଇପାରୁଥିବ। ଯେମିତିକି କଦଳୀ, ଅଙ୍ଗୁର, କମଳା ଇତ୍ୟାଦି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୮-୨୪

### ମେଷ



ସହକର୍ମୀଙ୍କ ସହାନୁଭୂତି ପାଇବେ, ସ୍ଥଗିତ କାମ ସଂପନ୍ନ କରିବେ, ଧାର କରଜ କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ପରିବାରରେ ମତାନ୍ତର, ଘରକୁ ବନ୍ଧୁ ଆସିପାରନ୍ତି, ଆନୁଷ୍ଠାନିକ କର୍ମାରମ୍ଭ।

### ବୃଷ


ପାରିବାରିକ ଅଶାନ୍ତି, ଆର୍ଥିକ ଅନଟନର ଦୁଶ୍ଚିନ୍ତା, ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି, ଖର୍ଚ୍ଚଭାର ବୃଦ୍ଧି ପାଇବ, ବନ୍ଧୁ ମଧ୍ୟସ୍ଥତା କରିବେ, ରାଜନୀତିରେ ବିବାଦ, ଭ୍ରାତୃ ବିବାଦର ଆଶଙ୍କା, ଯାନବାହନରେ ତ୍ରୁଟି, ସନ୍ତାନହେତୁକ ସମସ୍ୟା।

### ମିଥୁନ


ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ, ସାହାଯ୍ୟ ପ୍ରତିଶ୍ରୁତି ପାଇବେ, ସ୍ଥାନାନ୍ତରର ସୂଚନା, ସହକର୍ମୀଙ୍କ ଅସହଯୋଗ, ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଶ୍ଚିନ୍ତା, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ମାଙ୍ଗଳିକ କାମର ଆଲୋଚନା, ପ୍ରିୟବନ୍ଧୁଙ୍କ ଅଭିମାନ।

### କର୍କଟ


କର୍ମକ୍ଷେତ୍ରରେ ଅଗ୍ରଗତି, ସାମାଜିକ ସମ୍ମାନ ପାଇବେ, ପାରିବାରିକ ଶାନ୍ତି, ବଚସା କାରଣରୁ କଳହ, ବନ୍ଧୁ ସାହାଯ୍ୟ କରିବେ, ସ୍ୱାସ୍ଥ୍ୟହାନିର ସୂଚନା, ପଡ଼ୋଶୀଙ୍କ ସହ ମନୋମାଳିନ୍ୟ, ବନ୍ଧୁଙ୍କ ମଧ୍ୟସ୍ଥତା, ସମସ୍ୟା ସମାଧାନ।

### ସିଂହ


ନୀତିଗତ କାମରୁ ପ୍ରଶଂସା, ନୂତନ ବନ୍ଧୁ ସମ୍ପର୍କ, ଶୁଭଖବର ପାଇବେ, ପୈତୃକ ସମ୍ପତ୍ତିକୁ ନେଇ କଳହ, ମକଦ୍ଦମାରେ ବିଜୟଲାଭ, ପଦମର୍ଯ୍ୟାଦା ବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପ୍ରତିଯୋଗିତାରେ ସଫଳତା, ବିଫଳ ଆଲୋଚନା, ନିଷ୍ପତ୍ତିର ପରିବର୍ତ୍ତନ।

### କନ୍ୟା


ଶାରୀରିକ ସୁସ୍ଥତା, ବନ୍ଧୁମାନଙ୍କ ପରାମର୍ଶ, କରଜଦାତାଙ୍କ ଚାପ, ବୈବାହିକ ସମ୍ପର୍କର ଆଲୋଚନା, ନିଜ ଲୋକଙ୍କ ଶତ୍ରୁତା, ଜମିଜମା ବିବାଦ, ଗୃହ ନିର୍ମାଣରେ ବିତର୍କ, ଅଧ୍ୟୟନରେ ଏକାଗ୍ରତା, ବ୍ୟବସାୟରେ ଉନ୍ନତି, ସ୍ତ୍ରୀଙ୍କ ସୁପରାମର୍ଶ, ଭ୍ରାତୃ ସମ୍ପର୍କରେ ଅବନତି।

### ତୁଳା


କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ସଫଳତାରେ ବିଳମ୍ବ, ଦୂରଯାତ୍ରାରେ ଲକ୍ଷ୍ୟପୂରଣ, ଅବହେଳାରୁ କର୍ମହାନି, ବନ୍ଧୁମହଲରେ ସମାଲୋଚନା, ଆର୍ଥିକ ଅନଟନରୁ ମନସ୍ତାପ, କାମ ବାଧାପ୍ରାପ୍ତ ହୋଇପାରେ।

### ବିଛା


ଅଭିଳାଷ ପୂରଣ, ମନ ଖୁସି ରହିବ, ଅର୍ଥନୈତିକ ଅଭିବୃଦ୍ଧି, ଭୁଲ୍ ବୁଝାମଣା ଦୂରହେବ, କୁସଙ୍ଗରୁ ସମାଲୋଚନା, ମାଦକଦ୍ରବ୍ୟ ସେବନରେ ବକ୍ଷ ବେଦନା, ପ୍ରକାଶନରେ ସମସ୍ୟା, ଏଜେନ୍ସିର ପ୍ରସାର, ପ୍ରଶାସନିକ ତତ୍ପରତା।

### ଧନୁ


ବ୍ୟସ୍ତ ବିବ୍ରତ ରହିବେ, ପାରିବାରିକ ସମସ୍ୟା, ସୁଯୋଗ ହରାଇପାରନ୍ତି, ଗୁପ୍‌ଚାପ୍ କଥାର ଗୁଜବ, ବ୍ୟବସାୟରେ କମ୍ ଲାଭ, ରାଜନୈତିକ ପୃଷ୍ଠପୋଷକତା, ବିବାଦର ଜଟିଳତା, ବୃଥା ଶଙ୍କା କରିବେ, ଫାଇଲ୍ କାମରେ ବିତର୍କ, ବନ୍ଧୁସହାୟତା ମିଳିବ।

### ମକର


ସଫଳତାରେ ଆନନ୍ଦ, ପଦସ୍ଥ ବକ୍ତିଙ୍କ ସହାୟତା, ଯାତ୍ରାକାଳରେ ଯାନ୍ତ୍ରିକତ୍ରୁଟି, ପରିବାରରୁ ସହଯୋଗ, ସୁବିଧାବାଦୀ ବନ୍ଧୁଙ୍କ କାରନାମା, ସମସ୍ୟାକୁ ନିମନ୍ତ୍ରଣ, ଭୁଲ୍ ନିଷ୍ପତ୍ତି ନେବେ, ଲେଖାପଢ଼ାରେ ଅମନଯୋଗୀ, ଅବହେଳାରୁ ସୁଯୋଗହାନି।

### କୁମ୍ଭ


ବୁଝାମଣା ଠିକ୍ ରହିବ, ଗୁରୁଜନଙ୍କ ସୁପରାମର୍ଶ, ଜିଦ୍‌ଖୋର ମନୋବୃତ୍ତିରୁ ଅନର୍ଥ, ସୁସମ୍ପର୍କ ବ୍ୟାହତ ହୋଇପାରେ, ମନୋରଞ୍ଜନରେ ଅଭିରୁଚି, ନୂତନ ମିତ୍ରତା ସୃଷ୍ଟି, ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବେ, ଧର୍ମକାର୍ଯ୍ୟରେ ସହଯୋଗ।

### ମୀନ


ସାମାଜିକ ସମ୍ମାନ, ସମସ୍ୟା ଦୂରେଇଯିବ, ସୁବର୍ଣ୍ଣ ସୁଯୋଗ, ବିଦେଶ ଯାତ୍ରାର ସୁଯୋଗ, ମାନସିକଭାର ସମସ୍ୟା ରହିବନି, କ୍ରନିକ୍ ରୋଗରେ କଷ୍ଟ, ଅଧସ୍ତନ କର୍ମଚାରୀଙ୍କ କ୍ଷୋଭ, କର୍ମପରିସର ବୃଦ୍ଧି, ଦୁଃସାହସିକ କର୍ମରେ ପ୍ରବେଶ, ବନ୍ଧୁବର୍ଗଙ୍କ ପ୍ରେରଣା, କଳା ସାହିତ୍ୟରୁ ସୁନାମ।

## ସୁପର୍ ଫୁଡ୍ ଅଁଳା



ଔଷଧୀୟ ଗୁଣ ଦୃଷ୍ଟିରୁ ଦେଖିଲେ ଅଁଳାରେ ଭରି ରହିଛି ଅନେକ ଉପକାରୀ ଗୁଣ; ଯାହା ଆମକୁ ବିଭିନ୍ନ ରୋଗରୁ ଉପଶମ ଦେଇଥାଏ। ତେଣୁ ଆୟୁର୍ବେଦରେ ଅଁଳାକୁ ପ୍ରକୃତିର ଏକ ବରଦାନ ବୋଲି କୁହାଯାଏ। ଭିଟାମିନ୍ ସି, କ୍ୟାଲସିୟମ୍, ଆଇରନ୍, ପୋଟାସିୟମ୍, ଆଣ୍ଟିଅକ୍ସିଡାଣ୍ଟ ଭଳି ଗୁଣକାରୀ ତତ୍ତ୍ୱରେ ଭରା ଅଁଳାରୁ ପ୍ରତିଦିନ ଗୋଟିଏ ଲେଖାଏଁ ଖାଲି ପେଟରେ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହିତ ବିଭିନ୍ନ ପ୍ରକାର ଅପକାରୀ ବ୍ୟାକ୍ଟେରିଆ ସହିତ ଲଢ଼ିବାକୁ ଆମକୁ ଶକ୍ତି ମିଳିଥାଏ। ହଜମ କ୍ରିୟାକୁ ସକ୍ରିୟ କରିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, ଶରୀରର ମାଂସପେଶୀ ଓ ଅସ୍ଥିକୁ ମଜଭୁତ୍ କରିବାରେ ବି ଅଁଳା ଉପକାରୀ ହୋଇଥାଏ। ସ୍ୱାସ୍ଥ୍ୟ ସହିତ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ମଧ୍ୟ ଅଁଳା ଅନେକ କାମରେ ଆସିଥାଏ। ପ୍ରତିଦିନ ଅଁଳା ଖାଇବା ଦ୍ୱାରା ତ୍ୱଚାରେ ଚମକ୍ ଅସିବା ସହ କେଶ ଘନ, କଳା ଓ ଲମ୍ୱା ହୋଇଥାଏ। ସେଥିପାଇଁ ଡାକ୍ତରୀ ଭାଷାରେ ଅଁଳାକୁ କେହି କେହି ସୁପର୍ ଫୁଡ୍ ବୋଲି ମଧ୍ୟ କହିଥାନ୍ତି।

## ପାଠକୀୟ

✲ ଚଳଚ୍ଚିତ୍ରରେ ଦେଖିଥିବେ ମଣିଷ ଓ ରୋବୋର ପ୍ରେମ କାହାଣୀ। ପୁଣି ଦେଖିଥିବେ ମନବରୂପୀ ରୋବୋର ମାନବ ସମାଜକୁ ଧ୍ୱଂସ କରୁଥିବାର ଦୃଶ୍ୟ। ତେବେ ବାସ୍ତବ ଜୀବନରେ ଏସବୁ କ'ଣ ସମ୍ଭବ? ସତରେ କ'ଣ ଏଆଇ ହ୍ୟୁମାନୋଏଡ ରୋବୋ ନେଇପାରେ ମଣିଷର ସ୍ଥାନ, ଅବା କରିପାରେ ମାନବ ସମାଜର ବିନାଶ। ସାରା ପୃଥିବୀରେ ଥିବା କିଛି ଏଆଇ ହ୍ୟୁମାନୋଏଡ ରୋବୋ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମଣିଷ ପରି, ମଣିଷ ନୁହେଁ' ଏକ ନିଆରା ଆଲେଖ୍ୟ ଥିଲା।

*– ଦେବଯାନୀ ପ୍ରଧାନ, ଫୁଲନଖରା, କଟକ*

✲ ଏଆଇ ହ୍ୟୁମାନୋଏଡ ରୋବୋକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇପାରିଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଇୟର ରିଂ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ରବି ନାରାୟଣ ସୁବୁଦ୍ଧିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ତେଡ଼ା' ଶୀର୍ଷକ ଗପ ଏବଂ 'କାଗଜ' ଶୀର୍ଷକ କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ରାଜଶ୍ରୀ ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

✲ ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ସଙ୍ଗୀତ ମାୟାରେ ପରିଣିତି', 'ଥ୍ୟାଙ୍କସ୍ ଶାହୀଦ', 'ପ୍ରୀତିଙ୍କ ଲେଉଟାଣି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ଥିଲା। ଯୁବ ସମାଜସେବୀ ଓ ପୁସ୍ତକ ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ନିଆରା ଥିଲା ପଢ଼ିବାକୁ।

*– ପୂର୍ଣ୍ଣପ୍ରଭା ଦାଶ, ସର୍ବୋଦୟ ନଗର, ପୁରୀ*

✲ ଫାଇବର ଆର୍ଟ କେମିତି ଦେବକାନ୍ତ ବାରିକଙ୍କ ଜୀବନ ବଦଳାଇଦେଲା ତାହା ବି ଛୁଟିଦିନରୁ ପଢ଼ି ଖୁସି ଲାଗିଲା। ମଡେଲ୍ ମିରର୍‌ରେ 'ମୁସ୍କାନ' ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ଗରମପାଣି ଅଭୟାରଣ୍ୟ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରୁ 'ଶୁଆ କେମିତି କହେ କଥା' ତାହା ଜାଣିହେଲା। ସବୁଠୁ ବଡ଼ ବବଲ୍ ଦେଖିକି ମଧ୍ୟ ଖୁସି ଲାଗିଲା।

*– ରାକେଶ ରୋଶନ, କେନ୍ଦୁଝର*

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ମାତୃଭାଷା ବିସମ୍ବାଦ' ପାଠଟି ମନଛୁଆଁ ହେବା ସହ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମିଶରର ରହସ୍ୟମୟ ମୂର୍ତ୍ତି', 'ଉଡ଼ନ୍ତା ମାଛ', 'ଗିଟାର ବଜାଇ ପଛୁଆ ଚଲାଇଲେ ସାଇକେଲ' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ଥିଲା ହେବା ସହ ବେଶ୍ ଆଶ୍ଚର୍ଯ୍ୟକର ମଧ୍ୟ ଲାଗୁଥିଲା।

*– ତମନ୍ନା ତ୍ରିପାଠୀ, ମୟୂରଭଞ୍ଜ*

### ବିଶେଷ ଚିଠି



ମଣିଷ ପରି, ମଣିଷ ନୁହେଁ
ଥିଲା ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରି ନିଆରା
ପୁଣି ଦେଉଥିଲା ଅପୂର୍ବ ଆନନ୍ଦ।
ସାଥୀ, ସିନେମାର ପାଠ ବି
ଥିଲା ଭାରି ବଢ଼ିଆ,
ବିବିଧା, ବ୍ୟାକ୍‌ପେଜ୍‌ର ପାଠ
କରୁଥିଲା ମୋତେ କିମିଆ।
ସେଥିପାଇଁ ହେ ଛୁଟିଦିନ
ତୁମକୁ ଭଲପାଏ ମୁଁ ନିତିଦିନ।

*– ପୁଷ୍ପଲତା ସାହୁ, ରସୁଲଗଡ଼, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ମିଠା ପଛରେ କଥା

**ପ୍ରତ୍ୟେକ ଅଞ୍ଚଳର ଖାଦ୍ୟପେୟ ଅଲଗା ଅଲଗା। ଆଉ ସେହି ଖାଦ୍ୟପେୟ ଯେତେବେଳେ ସମସ୍ତଙ୍କର ପ୍ରିୟ ହୋଇଯାଏ ସେତେବେଳେ ତାହା ସେ ଅଞ୍ଚଳର ନାଁରେ ଯୋଡ଼ି ହୋଇଯାଏ। ଯେମିତି କି ମିଠା। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ମିଠା ମିଳିଥାଏ। ଯାହାର ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ପୁରା ନିଆରା ଥାଏ। ତେବେ ଏହି ମିଠା ଯେତେବେଳେ ସମସ୍ତଙ୍କର ପ୍ରିୟ ହୋଇଯାଏ, ସେ ସେହି ଅଞ୍ଚଳ ନାଁରେ ଯୋଡ଼ି ହୋଇଯାଏ। ସେମିତି କିଛି ମିଠା ପଛର କାହାଣୀ ସମ୍ପର୍କରେ...**











**ନୟାଗଡ଼ ଛେନାପୋଡ଼:** ଓଡ଼ିଶାରେ ତିଆରି ହେଉଥିବା ବିଭିନ୍ନ ପ୍ରକାରର ମିଠା ମଧ୍ୟରେ ଛେନାପୋଡ଼ ସ୍ୱତନ୍ତ୍ର । ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା ସ୍ୱର୍ଗତ ସୁଦର୍ଶନ ସାହୁ। ପିତା ସ୍ୱର୍ଗତ ବିଦ୍ୟାଧର ସାହୁ । ଏହି ଜିଲାର ଦଶପଲ୍ଲା ସାତପାଟଣା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ପ୍ରାୟ ୭୦ ବର୍ଷ ତଳର କଥା। ପ୍ରଥମେ ସେ ଦଶପଲ୍ଲାରେ ଏକ ଜଳଖିଆ ଦୋକାନ କରିଥିଲେ। ସେତେବେଳେ ଜଳଖିଆ ଦୋକାନରେ ଏକପ୍ରକାର ମିଠା ତିଆରି କରି ବିକ୍ରି କରୁଥିଲେ। ଏହି ମିଠା ତିଆରି ପରେ କିଛି ଛେନା ବଳିଯାଇଥିଲା । ଏମିତିରେ ପ୍ରତିଦିନ ବଳିପଡୁଥିବା ଛେନାକୁ ନେଇ ପୋଡ଼ପିଠା କରିଥିଲେ। ଏହାପରେ ଏଥିରେ ସେ କିଛି ଚିନି, ସୁଜି, କାଜୁ, ଗୁଜୁରାତିକୁ ମିଶାଇ କଦଳୀପତ୍ର ଦେଇ ତାହାକୁ ଅଙ୍ଗାର ନିଆଁରେ ପୋଡ଼ିଥିଲେ। ଏହି ପୋଡ଼ପିଠା ଖାଇବାକୁ ଭାରି ସ୍ୱାଦିଷ୍ଟ ଲାଗିଲା। ସେ ଏହାର ନାଁ ଦେଲେ ଛେନାପୋଡ଼ । ଦିନକୁଦିନ ଛେନାପୋଡ଼ର ଭଲ ବେପାର ହେଲା। ଅଧିକ ବେପାର ଆଶାରେ ସେ ନୟାଗଡ଼ ସହରକୁ ଚାଲି ଆସିଥିଲେ। ଜିଲାପାଳଙ୍କ ଅଫିସ ନିକଟସ୍ଥ କଚେରି ବଜାରଠାରେ ଦଶପଲ୍ଲା ହୋଟେଲ ନାମରେ ଏକ ହୋଟେଲ କରି ବେପାର ଚାଲୁ କରିଥିଲେ। ଦିନକୁ ଦିନ ନୟାଗଡ଼ ଛେନାପୋଡ଼ର ଚାହିଦା ବଢ଼ିଲା। ଅନ୍ୟମାନେ ମଧ୍ୟ ଏପରି ମିଠା ତିଆରି କରି ଏହି ଅଞ୍ଚଳରେ ବେପାର କରିଲେ। ଦିନଥିଲା ଏହି ଛେନାପୋଡ଼କୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କଠାରୁ ଆରମ୍ଭକରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ସମସ୍ତେ ଖାଇ ଭାରି ପ୍ରଶଂସା କରିଥିବାର ସୁଦର୍ଶନଙ୍କ ସାନପୁଅ ନିରଞ୍ଜନ କୁହନ୍ତି। ସୁଦର୍ଶନ ସାହୁ ଆଉ ନାହାନ୍ତି ହେଲେ ତାଙ୍କର ଛେନାପୋଡ଼ ଓଡ଼ିଶାର ଘରେଘରେ ପରିଚିତ। ଆଜିକାଲି ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନ ମଧ୍ୟରେ ଲାଠିପଡ଼ାର ପ୍ରାୟ ୧୨ ପରିବାର, ମାଛିପଡ଼ାରେ ପ୍ରାୟ୧୧୦ ପରିବାର, ସୋଲପଟାରେ ୯୦ ପରିବାର, ନୟାଗଡ଼ ସହରରେ ୧୫ ପରିବାର, ନବଘନପୁର ଓ ଫତେଗଡ଼ ଆଦି ଅଞ୍ଚଳରେ ଛେନାପୋଡ଼ ତିଆରି କରିଥାନ୍ତି। ଛେନାପୋଡ଼ର ଗୁଣବତ୍ତା ଓ ଏହାର ମାନକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ନୟାଗଡ଼ରୁ ରାଜ୍ୟର ବିଭିନ୍ନ ଜିଲାକୁ ବିକ୍ରିପାଇଁ ଛେନାପୋଡ଼ ପଠା ଯାଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟ ଛେନାପୋଡ଼ ତିଆରି ହେଉଥିବାର ନଜିର ରହିଛି। କିନ୍ତୁ ଓଡ଼ିଶାର ଏହି ମିଷ୍ଟାନ୍ନ ଆଜି ଦେଶ ବିଦେଶରେ ଭିନ୍ନ ପରିଚୟ ଦେଇପାରିଛି। ତେବେ ନୟାଗଡ଼ବାସୀଙ୍କ ତରଫରୁ ନୟାଗଡ଼ ଛେନାପୋଡ଼ର (ଜିଆଇ)ମାନ୍ୟତା ପାଇଁ ଦାବି ଉଠିଛି। ୨୦୨୩ ମସିହାରୁ ଛେନାପୋଡ଼ ତିଆରି କାରିଗରମାନେ, ଜିଲାପ୍ରଶାସନ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିଆସୁଛନ୍ତି।

**ବାଲେଶ୍ୱରର ଖାସ୍ତାଗଜା:** ବାଲେଶ୍ୱର ଜିଲାର ଗୁଡ଼ିଆମାନଙ୍କର ମଇଦାରେ ତିଆରି ଖାଦ୍ୟକୁ ନେଇ ବେଶ୍ ନାଁ ରହିଛି। ଏହି ଜିଲାର ପ୍ରତ୍ୟେକ ମିଷ୍ଟାନ୍ନ ଭଣ୍ଡାରରେ ଖାସ୍ତାଗଜା ମିଳୁଥିବା ବେଳେ ୫୦୦ରୁ ଉର୍ଦ୍ଧ୍ୱ ପରିବାର ଗଜା ପ୍ରସ୍ତୁତ କାରିଗର ଭାବରେ କାର୍ଯ୍ୟ କରୁଥିବା ଜଣାପଡ଼େ। ଏହି ଜିଲାର ମୋତିଗଞ୍ଜି ସ୍ଥିତ ବାଣ୍ଠିଆ ଜଗନ୍ନାଥ ମନ୍ଦିର ନିକଟସ୍ଥ ଗଜା ଦୋକାନ ଏଥିପାଇଁ ପ୍ରସିଦ୍ଧ। ଆଧୁନିକ ଚାକଚକ୍ୟ ବୃତ୍ତି ଆଗରେ ବୁଡ଼ିଯାଉଛି ଏହି ଗୁଡ଼ିଆ ବୃତ୍ତିର ରୋଜଗାର ପ୍ରଥା। ବର୍ତ୍ତମାନର ପିଲାମାନେ ଏଥିପ୍ରତି ଦୃଷ୍ଟି ନ ଦେଇ ସ୍ୱଳ୍ପ ସମୟରେ ଅଧିକ ରୋଜଗାର ଏବଂ ନୂତନ ଜ୍ଞାନକୌଶଳ ପଛରେ ପାଗଳ। ଯଦି ଏହାକୁ କ୍ଷୁଦ୍ରଶିଳ୍ପର ମାନ୍ୟତା ଦିଆଯାଇ ସରକାରୀ ପ୍ରୋତ୍ସାହନ ମିଳନ୍ତା ତା'ହେଲେ ଏହି ବୃତ୍ତି ଦୀର୍ଘାୟୁ ହେବାର ଆଶାପୋଷଣ କରିଛନ୍ତି ଖାସ୍ତାଗଜା ତିଆରି କାରିଗରମାନେ। ଏଠାକାର ଜଣେ ଦୋକାନୀ ସୁବାଶିଷ ସାହୁ କହନ୍ତି,' ୨୦ ବର୍ଷ ଧରି ଦୋକାନ କରି ଆସୁଛି। ୧ କିଲୋର ଦାମ୍ ୨୦୦ ଟଙ୍କା କରି ବିକ୍ରି ହେଉଛି। ପ୍ରତିଦିନ ୧୫/୨୦କିଲୋ ଗଜା ବିକ୍ରି ହୁଏ। ପର୍ବପର୍ବାଣି ସମୟରେ ଅଧିକ ବିକ୍ରି ହୁଏ। କିନ୍ତୁ ସବୁଠାରୁ ବଡ଼ କଥା ଆମ ଦୋକାନର ଗଜା ମୁମ୍ବାଇ, ଦିଲ୍ଲୀ, କୋଲକାତା ସମେତ ଭାରତବର୍ଷର ବିଭିନ୍ନ ସହରକୁ ଏଠିକାର ଲୋକମାନେ ନେଇଥାନ୍ତି, ଏପରିକି ଯେଉଁ ବାଲେଶ୍ୱର ଲୋକମାନେ ବିଦେଶରେ ରହିଛନ୍ତି ସେମାନେ ମଧ୍ୟ ଏଠାରୁ ଗଜାକୁ ପ୍ୟାକିଂ କରିନିଅନ୍ତି। ସେଠକାର ଲୋକମାନେ ଖାଇ ପ୍ରଶଂସା କରୁଥିବାର କଥା ପରବର୍ତ୍ତୀ ସମୟରେ ଆସି କହିଥାନ୍ତି। ସକାଳ ୮ରୁ ୧୨, ସନ୍ଧ୍ୟା ୫ରୁ ୯ ପର୍ଯ୍ୟନ୍ତ କାରିଗରମାନେ ଗଜା ପ୍ରସ୍ତୁତ କରିଥାନ୍ତି। ବିନା ପ୍ରଚାର ପ୍ରସାରରେ ଏହି ଗଜା ଭଲ ନାମ ରଖିଛି। ଅନ୍ୟଜଣେ କରିଗର ସୁଦର୍ଶନ ବେହେରା କୁହନ୍ତି,'ବାଲେଶ୍ୱରର ଗୁଡ଼ିଆମାନେ ବହୁକାଳରୁ ଖାସ୍ତାଗଜା ତିଆରି କରିଆସୁଛନ୍ତି। ପାରମ୍ପରିକ ଭାବରେ ଏହି ପେସାକୁ ନେଇ ପରିବାର ଭରଣପୋଷଣ କରି ଆସୁଥିବା ବେଳେ ଉକ୍ତ ଖାଦ୍ୟର ମାନ ଏବଂ ସ୍ୱାଦ କିଛି ନଷ୍ଟ ହୋଇନାହିଁ ବୋଲି ବରିଷ୍ଠ କାରିଗର ସୁଦର୍ଶନ ବେହେରା ପ୍ରକାଶ କରିଛନ୍ତି। ସେମିତି ରବୀନ୍ଦ୍ର ବେହେରା କୁହନ୍ତି,'୧୮ ବର୍ଷ ଧରି ଖାସ୍ତାଗଜା ତିଆରି କରୁଛି। ନିଜକୁ ଜଣେ ସଫଳ କାରିଗର ଭାବରେ ଗର୍ବ ଅନୁଭବ ହୁଏ। ବାଣ୍ଠିଆ ଜଗନ୍ନାଥ ମନ୍ଦିରର ପୂଜକ ନିବାସ ଚନ୍ଦ୍ର ପଣ୍ଡା କୁହନ୍ତି, ବାଣ୍ଠିଆ ଜଗନ୍ନାଥ ମନ୍ଦିରର ଏହା ହେଉଛି ମୁଖ୍ୟ ପ୍ରସାଦ।'





**ଭଦ୍ରକର ପାଲୁଅ ଲଡୁ :** ରାଜ୍ୟରେ ଯେତେ ପ୍ରକାର ମିଠା ଅଛି ୨ କିମ୍ବା ୫ଟି ଉପାଦାନରେ ତିଆରି ହୋଇଥାଏ । କିନ୍ତୁ ପାଲୁଅ ଲଡୁ ୧୨ଟି ଉପାଦାନରେ ତିଆର ହୋଇଥାଏ। ପାଲୁଅ, ସୁଜି ଓ ମଇଦା ମୁଖ୍ୟ ଉପାଦାନ ହୋଇଥିବା ବେଳେ ଖୁଆ, ଛେନା, ପାନମଧୁରୀ, ସୋଡା, ଅଦା କାଜୁ, କିସ୍‌ମିସ୍, ଗୁଜୁରାତି, ଗୁଆଘିଅ ପରିମାଣ ଅନୁସାରେ ବ୍ୟବହାର ହୋଇଥାଏ। ଏହାକୁ ତାଲିମପ୍ରାପ୍ତ କାରିଗରମାନେ ପ୍ରସ୍ତୁତ କରିଥାନ୍ତି। ତେବେ ଭଦ୍ରକ ସହରର ପ୍ରମୁଖ ୧୫ରୁ ଊର୍ଦ୍ଧ୍ୱ ମିଠା ଦୋକାନରେ ପାଲୁଅଲଡୁ ବିକ୍ରି ହେଉଥିବା ବେଳେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ସମେତ ରାଜ୍ୟର ବଡ଼ବଡ଼ ସହରରେ ମଧ ବିକ୍ରି ହେଉଛି। ପାଲୁଅଲଡୁ କେବେ ଆରମ୍ଭ ହୋଇଥିଲା ତାହାର ଠିକ୍ ତଥ୍ୟ ନ ଥିବା ବେଳେ ପ୍ରାୟ ୧୫୦ ବର୍ଷ ତଳେ ଲଡୁ ଏହା ତିଆରି ଆରମ୍ଭ ହୋଇଥିବା ଅନୁମାନ କରାଯାଏ ବୋଲି କଲେଜ ଛକରେ ଥିବା ଏଠାକାର ଜଣେ ମିଠା ବ୍ୟବସାୟୀ ପଞ୍ଚାନନ ସାହୁ କହିଛନ୍ତି।

**କେନ୍ଦ୍ରାପଡ଼ା ରସାବଳି:** କେନ୍ଦ୍ରାପଡ଼ା ରସାବଳିର ସ୍ୱାଦ ନିଆରା। ଗତ ୨୦୨୩ ଅକ୍ଟୋବର ୩ରେ ଏହାକୁ ଜିଆଇ ଟ୍ୟାଗ୍ ମିଳିଛି । ଗବେଷକଙ୍କ ଅନୁସନ୍ଧାନରୁ ଜଣାପଡ଼େ ଅନଙ୍ଗଭୀମ ଦେବଙ୍କ ସମୟରୁ ଏହା ତୁଳସୀକ୍ଷେତ୍ରର ଭୋଗ ଭାବେ ଶ୍ରୀବଳଦେବ ଜୀଉଙ୍କୁ ପ୍ରତ୍ୟହ ୩୨ ରସାବଳି ଲାଗି କରାଯାଏ । ଏହି ମିଷ୍ଟାନ୍ନର କେନ୍ଦ୍ରାପଡ଼ା ସମ୍ପୃକ୍ତି ସମ୍ପର୍କରେ ଛନ୍ଦପୁରାଣ, ଦାଣ୍ଡି ରାମାୟଣ, ଗଙ୍ଗବଂଶାନୁଚରିତର କେତେକ ଛନ୍ଦ ଓ ଜଣାଣରେ ଅଛି। ଶ୍ରୀଜୀଉଙ୍କ ନିତ୍ୟଭୋଗ ଭାବେ ପରିଚିତ ଏହି ମିଷ୍ଟାନ୍ନର ଉତ୍ପତ୍ତିସ୍ଥଳ କେନ୍ଦ୍ରାପଡ଼ା ବୋଲି ଦର୍ଶାଯାଇଛି । ପୂର୍ବରୁ ଏହା କେବଳ ମନ୍ଦିର ପରିସରରେ ତିଆରି ହୋଇ ଶ୍ରୀଜୀଉଙ୍କୁ ଲାଗି ହେଉଥିଲା । ଏବେ କେନ୍ଦ୍ରାପଡା ସହର ସମେତ ରାଜ୍ୟର ବିଭିନ୍ନ ମେଳା ମହୋତ୍ସବରେ ଦେଖିବାକୁ ମିଳୁଛି। ଛେନା, ଘିଅ, କ୍ଷୀର, ଚିନି, ଗୁଜୁରାତି, ଅଳେଇଚ ଆଦିକୁ ନେଇ ପ୍ରସ୍ତୁତ ଏହି ମିଷ୍ଟାନ୍ନର ପ୍ରସ୍ତୁତି ଟିକେ ଜଟିଳ । ତେବେ ଉପଯୁକ୍ତ ତାଲିମପ୍ରାପ୍ତ ନିର୍ମାତା ଏଥିରେ ସ୍ୱାଦ ଆଣଥାନ୍ତି । ଏହାର ଉପଯୋଗିତା ମାତ୍ର ୨୪ ଘଣ୍ଟା ରହୁଥିବାରୁ ବାହାର ରାଜ୍ୟକୁ ରପ୍ତାନି କମ୍ ହୋଇଥାଏ। ମାତ୍ର ଜିଲାର ୬୦୦ରୁ ଊର୍ଦ୍ଧ୍ୱ ପରିବାର ଏହି ରସାବଳି ବ୍ୟବସାୟରେ ସମ୍ପୃକ୍ତ । ପ୍ରତ୍ୟେହ ଏହି ଜିଲାରେ ପ୍ରାୟ ଦେଢ଼ କୁଣ୍ଟାଲ ଛେନାରେ ରସାବଳି ତିଆରି ହୋଇ ବେପାର ହେଉଥିବାର ଜଣାପଡ଼ିଛି। । ତେବେ ଶ୍ରୀବଳଦେବ ଜୀଉଙ୍କ ବିଭିନ୍ନ ପୂଜାପାର୍ବଣରେ ଏହାର ଚାହିଦା ବଢ଼ିଥାଏ।


**ନିମାପଡ଼ା ଛେନାଝିଲି:**ସାରା ରାଜ୍ୟରେ ନିମାପଡ଼ା ଛେନା ଝିଲିର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ମିଠା ଭିତରେ ଏହାର ସ୍ଥାନ ସ୍ୱତନ୍ତ୍ର। ଏହା ଲୋକମୁଖରେ ଏହା ଆର୍ତ୍ତ ସାହୁ ଛେନାଝିଲି ଭାବରେ ପ୍ରସିଦ୍ଧ। ପ୍ରକୃତରେ ଆର୍ତ୍ତବନ୍ଧୁ ସାହୁ ହିଁ ଏହି ଛେନାଝିଲିକୁ ଲୋକପ୍ରିୟ କରାଇବାର ସବୁ ଶ୍ରେୟ ନିଅନ୍ତି। ଆର୍ତ୍ତବନ୍ଧୁ ଶୈଶବରୁ ନିଜ କୌଳିକ ବୃତ୍ତିକୁ ଆପଣାଇ ନେଇଥିଲେ । ନିମାପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ବହୁଳ ପରିମାଣରେ ଛେନା ଉତ୍ପାଦନ ହୋଇଥାଏ ଏବଂ ଛେନାରେ ପ୍ରସ୍ତୁତ ପାରମ୍ପରିକ ମିଠାର ଚାହିଦା ମଧ ଏଠାରେ ଅଧିକ । ଆର୍ତ୍ତବନ୍ଧୁଙ୍କ ପୂର୍ବରୁ ଅନ୍ୟଜଣେ ବ୍ୟକ୍ତି ଅଣ୍ଟିଆସାହିର ମଧୁ ଆଚାର୍ଯ୍ୟଙ୍କର ଜଳଖିଆ ଦୋକାନଟିଏ ରହିଥିଲା । ଆଚାର୍ଯ୍ୟଙ୍କ ପ୍ରସିଦ୍ଧ ମିଠା ଦୋକାନର ବିଶେଷତ୍ୱ ଥିଲା ଛେନା ଏବଂ କ୍ଷୀରରେ ପ୍ରସ୍ତୁତ ସୁଆଦିଆ 'କ୍ଷୀର ସାଗର' । ପୁରୁଖାଲୋକମାନଙ୍କ ଠାରୁ ଶୁଣିବାକୁ ମିଳେ ମଧୁ ଆଚାର୍ଯ୍ୟ କୁଆଡେ ଛେନା ଝିଲି କରୁଥିଲେ । କିନ୍ତୁ ତାଙ୍କ ନାମରେ ସେମିତି କିଛି ପ୍ରଚାର ପ୍ରସାର ଶୁଣିବାକୁ ମିଳେ ନାହିଁ। ତେଣୁ ଏକଥା ଏବେବି ରହସ୍ୟାବୃତ୍ତ ହୋଇରହିଛି ? ପୂର୍ବରୁ ନିମାପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପାରମ୍ପରିକ ମେଳଣମାନ ଅନୁଷ୍ଠିତ ହେଉଥିଲା । ବିଶେଷକରି ନିମାପଡ଼ାର ବାରବାଟୀ ମେଳଣ, ଗୋପ, ବଳଙ୍ଗା ବର୍ତ୍ତମାନ ଖୋର୍ଦ୍ଧା ଜିଲା ଅଧୀନ ହରିରାଜପୁର ଏବଂ ବାଲକାଟୀ ଆଦି ପ୍ରସିଦ୍ଧ ମେଳଣ ସ୍ଥାନକୁ ଆର୍ତ୍ତ ସାହୁଙ୍କ ଅସ୍ଥାୟୀ ମିଠା ଦୋକାନର ପସରା ଖୋଲୁଥିଲା । ଛେନାଝିଲି ଖାଇବା ନିମନ୍ତେ ଦୋକାନ ଆଗରେ ଭିଡ଼ ଲାଗିରହୁଥିଲା । ପୂର୍ବକାଳରେ ଗୋପ ମେଳଣ ମାସାଧିକ କାଳ ଅନୁଷ୍ଠିତ ହେଉଥିଲା । ସେଠାକୁ ଆର୍ତ୍ତ ସାହୁଙ୍କ ମିଠା ଦୋକାନ ଯାଇଥାଏ । ତାଙ୍କରି ଦୋକାନ ନିକଟରେ ଆଉ ଗୋଟିଏ ମିଠା ଦୋକାନ ରହିଥାଏ । ସେହି ଦୋକାନରେ ଜଣେ ବଙ୍ଗାଳି ମିଠା କାରିଗର କାମ କରୁଥିଲେ । ସେହି କାରିଗର ଜଣକ ଆର୍ତ୍ତ ସାହୁଙ୍କୁ ମଇଦା ଜିଲାପି ପରିବର୍ତ୍ତେ ଛେନାରେ ଜିଲାପି କରିବା ପାଇଁ ପରାମର୍ଶ ଦିଅନ୍ତି । ପରାମର୍ଶକୁ ଗ୍ରହଣ କରି ଆର୍ତ୍ତ ସାହୁ ଅନେକ ପରୀକ୍ଷା ନିରୀକ୍ଷା କରି ସୁଆଦିଆ ଛେନା ଝିଲିକୁ ଜନ୍ମ ଦିଅନ୍ତି । ଦିନକୁ ଦିନ ଏହାର ଲୋକପ୍ରିୟତା ବଢିବଢିଚାଲିଲା। କିନ୍ତୁ ସମୟକ୍ରମେ ଆର୍ତ୍ତବନ୍ଧୁ ସାହୁଙ୍କ ଦେହାନ୍ତ ପରେ ତାଙ୍କ ପୁଅ ହୃଦାନନ୍ଦ ସାହୁ ଏହି କୌଳିକ ବୃତ୍ତିକୁ ଆଦରି ନେଇଛନ୍ତି । ସେ କୁହନ୍ତି, 'ପିଲାଟି ଦିନରୁ ବାପାଙ୍କ ସହିତ ରହି ତିଆରି ପ୍ରଣାଳୀ ଶିଖିଛି। ପରବର୍ତ୍ତୀ ସମୟରେ ଏହାକୁ ଆଦରିବାରେ ଅସୁବିଧା ହୋଇନାହିଁ। ଅନେକ ସ୍ଥାନରେ ଝିଲି ମିଳୁଛି ସତ ହେଲେ ଆର୍ତ୍ତ ସାହୁଙ୍କ ଝିଲିର ସ୍ୱାଦ ନିଆରା ବୋଲି କୁହନ୍ତି ଏହି ଅଞ୍ଚଳର ବାସିନ୍ଦା ସତ୍ୟେନ୍ଦ୍ର ମୋହନ ମହାନ୍ତି, ଶକ୍ତି ପ୍ରସାଦ ରଥ, ଶରତ ଚନ୍ଦ୍ର ସେନାପତି । ନିମାପଡ଼ା ଝିଲୀକୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଦାବି ହୋଇ ଆସୁଛି।

**ପୁରୀର ମିଠା:** ପୁରୀରେ ଏକାଧିକ ପ୍ରକାରର ବିଭିନ୍ନ ମିଠା ଶ୍ରୀମନ୍ଦିରରେ ଭୋଗଲାଗି ହୋଇଥାଏ । ବିଶେଷ କରି ଖୀର ଜାତୀୟ ମିଠା ଅନ୍ୟତମ। ମହାପ୍ରସାଦ ସାଙ୍ଗରେ ଖୀରରେ ପ୍ରସ୍ତୁତ ଖୀରାପ୍ରଭୁଙ୍କର ଅତିପ୍ରିୟ ଅଟେ। ଖୀରା ପ୍ରସ୍ତୁତ କରୁଥିବା ଭିସେନ ସାହୁଙ୍କ କହିବାନୁସାରେ ଆମର କେତେ ପୁରୁଷ ତଳୁ ଏହି ବ୍ୟବସାୟ କରି ଆସୁଛନ୍ତି। ଖୀରରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଯଥା ଖୀର ସାଗର, ରସ ମଲାଇ, ରସାବଳୀ, ଝିଲି ପାୟସ ଆଦି ପ୍ରସ୍ତୁତ କରାଯାଇଥାଏ। ଶ୍ରୀମନ୍ଦିରରେ ଭୋଗ ହେଉଥିବା ଫେଣି ଓ ମଗଜ ଲଡୁ ମଧ ଖୁବ୍ ଲୋକପ୍ରିୟ। ଏହାଛଡ଼ା ରସଗୋଲା ମଧ ଏକ ପ୍ରିୟ ଭୋଗ। ପୌରାଣିକ କଥା ଅନୁଯାୟୀ ରସଗୋଲା ସମ୍ପର୍କରେ ଦାଣ୍ଡିରାମାୟଣରେ ରହିଛି। ନୀଳାଦ୍ରି ବିଜେ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା'ଲକ୍ଷ୍ମୀଙ୍କୁ ରସଗୋଲା ଅର୍ପଣ କରିଥିଲେ । କିନ୍ତୁ ଐତିହାସିକ ଗବେଷକଙ୍କ ମତରେ ଜଣାପଡ଼େ ରସଗୋଲାର ଉତ୍ପତ୍ତି ପୁରୀରେ କ୍ଷୀରମୋହନ ରୂପରେ ହୋଇଥିଲା । ପରେ ଏହାର ନାମ ରସଗୋଲା ହୋଇଥିଲା। ଶ୍ରୀମନ୍ଦିରରେ ରସଗୋଲା ଲକ୍ଷ୍ମୀଙ୍କ ନିକଟରେ ଭୋଗଲାଗି କରାଯାଇଥାଏ।

**ବାଣପୁର ପ୍ରସିଦ୍ଧ ମା' ଭଗବତୀଙ୍କ ଭୋଗ ମାଠପୁଳି:** ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିକ୍ଷେତ୍ର ବାଣପୁର ଅଞ୍ଚଳର ଆରାଧ୍ୟା ଦେବୀ ମା'ଭଗବତୀଙ୍କ ପୀଠ। ଏଠାରେ ମା'ଙ୍କ ପାଖରେ ସବୁଠାରୁ ପ୍ରିୟ ନୈବେଦ୍ୟ 'ମାଠପୁଳି' ଲାଗି ହୋଇଥାଏ । କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟର ବାଳମୁକୁନ୍ଦ ଦାଶ କୁହନ୍ତି କେଉଁ ପ୍ରାଚୀନ କାଳରୁ ମା'ଙ୍କ ମନ୍ଦିରରେ କେତେକ ପିଠା ସହିତ ପ୍ରତ୍ୟହ ୮ଟି ମାଠପୁଳି ଲାଗି ହୋଇଆସୁଛି। ଏଠାର ମାଠପୁଳି ସମ୍ପୂର୍ଣ୍ଣ ଅଲଗା। ଓଡ଼ିଶାରେ ଏହାର ସ୍ୱତନ୍ତ୍ରତା ରହିଛି। । ବିରି, ଚାଉଳ, ଗୁଡ଼, ଗୁଆଘିଅ, ମସଲାରେ ପ୍ରସ୍ତୁତ ଏପରି ମିଷ୍ଟାନ୍ନ ବାଣପୁର ଛଡ଼ା ଅନ୍ୟତ୍ର ମିଳେ ନାହିଁ।

ଏହା ବ୍ୟତୀତ ଓଡ଼ିଶାରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ମିଠାକୁ ଗୁଡ଼ିଆ ଏବଂ ମିଠା କାରିଗରମାନେ ତିଆରି କରଥାନ୍ତି। ଯେମିତି ମୟୂରଭଞ୍ଜର ଗୁଡ଼ଲଡୁ, ବ୍ରହ୍ମପୁରର ମହେଶ୍ୱରପାଗ, ଢେଙ୍କାନାଳର ମଗଜିଲଡୁ, ଲଡୁ, ଛେନାଜିଲାପି, କ୍ଷୀରଗଜା, ଜିଲାପି, କ୍ଷୀରସାଗର, ଅମୃତି, ରସମଲାଇ, ପେଡ଼ା, ସନ୍ଦେସ, ଫେଣି, ଗଜା, ଲବଙ୍ଗଲତା, ବୁନ୍ଦି, ରାବିଡ଼ି, ମାଲପୁଆ, ଆରିସା, ଗୋଲାପଜାମୁନ, ଛେନାଷ୍ଟିମ ଆଦି ଆହୁରି ଅନେକ ପ୍ରକାର ମିଠା ରହିଛି।

**- ବନବିହାରୀ ବେହେରା,**
**ରଞ୍ଜିନ କୁମାର ପଟ୍ଟନାୟକ, ଲୋକନାଥ ମିଶ୍ର,**
**ଜଗନ୍ନାଥ ଧଳ, ମାନସ ବିଶ୍ୱାଳ,**
**ସନାତନ ରାଉତ, ଯଜ୍ଞେଶ୍ୱର ମହାନ୍ତି**











# ଭେଲ୍‌ଭେଟ୍ ଆଉଟ୍‌ଫିଟ୍





**ଅଲ୍‌ଟାଇମ୍ ଷ୍ଟାଇଲିଶ୍ ଲୁକ୍ ଦିଏ ଭେଲ୍‌ଭେଟ୍ ଆଉଟ୍‌ଫିଟ୍ । ଖାସ୍‌କରି ହାଲ୍‌କା ଶୀତରେ ପିନ୍ଧିବାକୁ ଏହା ବେଶ୍ କମ୍ଫଟେବଲ୍ । ପାର୍ଟି, ଫଙ୍କଶନ୍‌ରେ ଏହା ରୟାଲ୍ ଓ ଗ୍ରେସ୍‌ଫୁଲ୍ ଲୁକ୍ ଦେଇଥାଏ। ତା'ହେଲେ ଜାଣନ୍ତୁ କିଛି ଟ୍ରେଣ୍ଡି ଭେଲ୍‌ଭେଟ୍ ଆଉଟ୍‌ଫିଟ୍ ସମ୍ପର୍କରେ ...**

✼ **ଭେଲ୍‌ଭେଟ୍ ଏଥେନିକ୍ ୱେର୍ :** ବିବାହ, ଜନ୍ମଦିନ ଅଥବା ରିଂ ସେରିମନି ପାର୍ଟିରେ ଡିଫରେଣ୍ଟ ଲୁକ୍ ପାଇବା ପାଇଁ ଭେଲ୍‌ଭେଟ୍ ଏଥେନିକ୍ ୱେର୍ ଟ୍ରାଏ କରିବା ଏକ ବେଷ୍ଟ ଅପ୍ସନ । ଏଥିରେ ଭେଲ୍‌ଭେଟ୍ ଶାଢି, ବ୍ଲାଉଜ୍‌ରୁ ଆରମ୍ଭ କରି ଭେଲ୍‌ଭେଟ୍ କୁର୍ତ୍ତି, ସାଲୱାର୍, ଅନାରକଲି ସବୁକିଛି ଆସିଥାଏ । ନିଜ ପସନ୍ଦ ଅନୁଯାୟୀ ଏଥିରୁ ଯେ କୌଣସି ବି ଆପଣ ଟ୍ରାଏ କରି ନିଜ ଲୁକ୍‌କୁ କମ୍ପ୍ଲିମେଣ୍ଟ ଦେଇପାରିବେ ।

✼ **ଭେଲ୍‌ଭେଟ୍ ଡ୍ରେସ୍:** ହାଲ୍‌କା ଶୀତରେ ଭେଲ୍‌ଭେଟ୍‌ର ଉଭୟ ଲଙ୍ଗ୍ ଓ ଶର୍ଟ ଲେଙ୍ଗ୍‌ଥ ଡ୍ରେସ୍ ବି ପିନ୍ଧିବାକୁ ବେଶ୍ କମ୍ଫଟେବଲ୍ ଲାଗିଥାଏ । ତେବେ ଏହି ଟାଇପ୍‌ର ଡ୍ରେସ୍ ସାଙ୍ଗକୁ ଲେଦର ଜ୍ୟାକେଟ୍ ଏବଂ ଆଙ୍କେଲ୍ ଲେଙ୍ଗ୍‌ଥ ବୁଟ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ ।

✼ **ଭେଲ୍‌ଭେଟ୍ ପ୍ୟାଣ୍ଟ ସୁଟ୍:** ଅଫିସ୍ ପାର୍ଟି ପାଇଁ ଏହି ଟାଇପ୍‌ର ଆଉଟ୍‌ଫିଟ୍‌କୁ ଟ୍ରାଏ କରାଯାଇପାରେ । ମନେରଖିବେ ଏହି ଆଉଟ୍‌ଫିଟ୍ ସାଙ୍ଗରେ ବେଲ୍ଟ ଷ୍ଟାଇଲ୍ କରିବା ସହିତ ଫୁଟ୍‌ୱେର୍‌ରେ ପଏଣ୍ଟେଡ୍ ଟୋ ପମ୍ପ୍ସ ଏବଂ ହାତରେ ଏକ ଷ୍ଟାଇଲିଶ୍ ବ୍ୟାଗ୍ ଧରିଲେ ପରଫେକ୍ଟ ପାର୍ଟି ଲୁକ୍ ମିଳିଥାଏ ।

✼ **ଭେଲ୍‌ଭେଟ୍ ସ୍କର୍ଟ:** ଯଦି ଆପଣଙ୍କୁ ଭେଲ୍‌ଭେଟ୍ ସ୍କର୍ଟ ପିନ୍ଧିବାକୁ ଭଲ ଲାଗୁଛି ; ତେବେ ତା'ସାଙ୍ଗକୁ ଆପଣ ଚାହିଁଲେ ସ୍ୱାର୍କଲ ମ୍ୟାଚିଂ ଭେଲ୍‌ଭେଟ୍ ଟପ୍ସ ଏବଂ ଥାଇ ହାଇ ବୁଟ୍ସକୁ ବି ଟ୍ରାଏ କରିପାରିବେ । ଛୋଟମୋଟ ପାର୍ଟି ହେଉ ଅବା ସାଙ୍ଗମାନଙ୍କ ସହ ଆଉଟିଂରେ ଯିବାବେଳେ ଏହି ଟାଇପ୍‌ର ଆଉଟ୍‌ଫିଟ୍‌କୁ ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ବି ଲାଗିଥାଏ ।

✼ **ଲୁଜ୍ ଫିଟ୍ ଏ-ଲାଇନ୍ ଭେଲ୍‌ଭେଟ୍ ଡ୍ରେସ୍:** ଏହି ଟାଇପ୍‌ର ଡ୍ରେସ୍ ମୁଖ୍ୟତଃ ପ୍ଲସ୍ ସାଇଜ୍ ବଡି ଶେପ୍ ଥିବା ମହିଳାଙ୍କୁ ଭଲ ମାନିଥାଏ । ଲୁକ୍‌କୁ କମ୍ପ୍ଲିଟ୍ କରିବା ପାଇଁ ଏହି ଆଉଟ୍‌ଫିଟ୍ ସାଙ୍ଗକୁ ଚୁଟିକୁ ପୋନିଟେଲ୍ କରିବା ସହ କାନ୍ଧରେ ସ୍ଲିଙ୍ଗ୍ ବ୍ୟାଗ୍ ଏବଂ ପାଦରେ ସ୍ନିକର୍ସ ପିନ୍ଧି ପାରିବେ ।

✼ **ଚୋକର୍ ନେକ୍‌ଲାଇନ୍ ଭେଲ୍‌ଭେଟ୍ ଡ୍ରେସ୍:** ଏହି ଟାଇପ୍‌ର ଆଉଟ୍‌ଫିଟ୍ ଦେଖିବାକୁ ଯେମିତି ଷ୍ଟାଇଲିଶ୍ ଲାଗେ ପିନ୍ଧିଲେ ସେମିତି କ୍ଲାସି ଲୁକ୍ ଦେଇଥାଏ । ଏହା ସହିତ ଲଙ୍ଗ୍ ଲେଦର୍ ବୁଟ୍ ଏବଂ ମେକ୍‌ଅପ୍‌ରେ ସ୍ମୋକି ଆଇ ମେକ୍‌ଅପ୍ ଓ ଲିପ୍‌ଷ୍ଟିକ୍ ନ୍ୟୁଡ୍ କଲର୍ ଟ୍ରାଏ କରିବା ବେଷ୍ଟ ହୋଇଥାଏ ।

**କିଛି ଜାଣିବା କଥା**

- ଭେଲ୍‌ଭେଟ୍ ଆଉଟ୍‌ଫିଟ୍‌ର ବେଶ୍ ସାବଧାନତାର ସହ କେୟାର୍ ନେବାକୁ ହୋଇଥାଏ । ତେଣୁ ଏହାକୁ ସଫା କରିବା ପୂର୍ବରୁ ପ୍ରଥମେ ଏହାର ଲେବଲ୍‌ରେ ଲେଖାଥିବା ଇନ୍‌ଷ୍ଟ୍ରକସନ୍ସକୁ ଭଲ ଭାବେ ପଢି ସେହି ଅନୁଯାୟୀ କାମ କରିବା ଆବଶ୍ୟକ ।
- ଭେଲ୍‌ଭେଟ୍ ଫାବ୍ରିକ୍ ଖୁବ୍ ଡେଲିକେଟ୍ ହୋଇଥାଏ, ଏହାକୁ ବାରମ୍ବାର ପିନ୍ଧିଲେ ଏହା ଶୀଘ୍ର ଖରାପ ହୋଇଯିବାର ସମ୍ଭାବନା ଥାଏ । ତେଣୁ ଦେଖିଚାହିଁ ଆବଶ୍ୟକ ସମୟରେ ଏହାକୁ ପିନ୍ଧିଲେ ଏହା ବେଶୀ ଦିନ ଲାଷ୍ଟିଂ କରିଥାଏ ।





# ଶ୍ରୀକୃଷ୍ଣଲୀଳାରେ ମହାପ୍ରଭୁଙ୍କୁ ଦେଖେ











ବୟସ ତାଙ୍କର ୧୦୫ବର୍ଷରୁ ଉର୍ଦ୍ଧ୍ୱ ହେବ । ତଥାପି ଥକି ପଡିନି ପାଦ ! ଏବେ ବି ଘଣ୍ଟାଘଣ୍ଟା ଧରି ସେ ଗାୟନ କରନ୍ତି ଶ୍ରୀକୃଷ୍ଣଲୀଳାକୁ। ପ୍ରତ୍ୟହ ଉଠି ପଡନ୍ତି ବଡ଼ିଭୋରରୁ। ନିତ୍ୟକର୍ମସାରି, ପବିତ୍ରମନରେ ଯାଇ ପହଞ୍ଚିଯାନ୍ତି ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ। ପ୍ରାର୍ଥନା କରନ୍ତି, ଶ୍ରୀକୃଷ୍ଣଲୀଳା ଗାୟନ କରି ମହାପ୍ରଭୁଙ୍କୁ ଦର୍ଶନ କରନ୍ତି। ସର୍ବଦା ଭଗବତ୍ ପ୍ରେମରେ ନିଜକୁ ସମର୍ପିତ କରି ସେ ଆନନ୍ଦ ପାଆନ୍ତି। ଏମିତିରେ ବିତିସାରିଲାଣି ଦୀର୍ଘ ୯ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ। ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ଲୋକପ୍ରିୟ ଲୋକକଳା ତଥା ପୌରାଣିକ ବିଷୟ ଉପରେ ଆଧାରିତ ଶ୍ରୀକୃଷ୍ଣଲୀଳାର ପ୍ରଚାର ପ୍ରସାର ଦ୍ୱାରା ସମାଜରେ କିପରି ଆଧ୍ୟାତ୍ମିକ ଭାବ ସୃଷ୍ଟି ହୋଇପାରିବ, ସେଥିପାଇଁ ସେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭାଗବତ ଭାବ ସୃଷ୍ଟି ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ଯାହା ତାଙ୍କୁ ଦେଇଛି ଏକ ଭିନ୍ନ ପରିଚୟ। ଏଥିପାଇଁ ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି। ସେ ହେଲେ **ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ**। ଜନ୍ମ ତା୧୫।୨।୧୯୧୮ ମସିହାରେ। ମା' ହାଡ଼ି ସ୍ୱାଇଁ, ପିତା ମାଗତି ସ୍ୱାଇଁ। ଘର ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ଗୋବିନ୍ଦପୁର ବଡ଼ଦାଣ୍ଡ ସାହିରେ। ସେ କୁହନ୍ତି, 'ମୋର ଦୁଇ ଭଉଣୀ ଓ ୪ ଭାଇଙ୍କ ମଧ୍ୟରେ ମୁଁ ସାନ । ପିଲାଟିଏ ହୋଇଥିଲି, ସେହି ସମୟରୁ ମୋ ମା' ଆମକୁ ଛାଡ଼ି ଆରପାରିକୁ ଚାଲିଗଲା। ତେଣୁ ବାପା ହିଁ ମୋ ପାଇଁ ଥିଲେ ସବୁକିଛି। ପ୍ରାୟ ୫ ବର୍ଷର ହୋଇଥାଏ। ଆମଘର ପାଖ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ସାହି କୋଠଘରକୁ ଯାଉଥିଲି। ସେଠାରେ ଶ୍ରୀକୃଷ୍ଣଲୀଳା ଦେଖୁଥିଲି। ମୋ ଦାଦା କ୍ଷେତ୍ର ସ୍ୱାଇଁ ଶ୍ରୀକୃଷ୍ଣଲୀଳାର ଗାୟକ ଥିଲେ। ସେ ମୋତେ ଏହି କଳା ପ୍ରତି ଉତ୍ସାହିତ କରାଇଥିଲେ। ପରେ ଗୁରୁ ଚୌଧୁରୀ ବେହେରା ଶ୍ରୀକୃଷ୍ଣଲୀଳା ଶିଖାଇଥିଲେ। ଶ୍ରୀକୃଷ୍ଣ ଲୀଳାରେ କେବେ ଶ୍ରୀକୃଷ୍ଣ ତ ପୁଣି କେବେ ଯଶୋଦାଙ୍କ ଭୂମିକାରେ ନୃତ୍ୟ, ଅଭିନୟ ଓ ସଂଗୀତ ଗାନ କରିଲି। ଏହି ସମୟରେ ଅବଧାନଙ୍କ ପାଖରେ ୫ମ ଯାଏ ପଢ଼ିଛି। ବାପା ଭାବିଥିଲେ ମୁଁ ପାଠ ପଢ଼ି ଜଣେ ଶିକ୍ଷକ ହେବି। ହେଲେ ଶ୍ରୀକୃଷ୍ଣଲୀଳା ପ୍ରତି ମୋର ଆଗ୍ରହ ଦେଖି ସେ କହିଲେ ମୋ ପୁଅ ଜଣେ ଭଲ ଗାୟକ ହେବ। ଚାରିଆଡୁ ଡକରା ଆସିବ, ଧର୍ମପୀଠ ବୁଲିବ। ସେତେବେଳେ ଆମ ଅଞ୍ଚଳର ଚାରିଆଡ଼େ ବଣଜଙ୍ଗଲ ଥିଲା। ବିଭିନ୍ନ ଗାଁକୁ ଯିବାଲାଗି ପାଦଚଲା ବାଟରେ ଯିବାକୁ ପଡୁଥିଲା। ସନ୍ଧ୍ୟାରେ ଗାଁ ଲୋକମାନେ ଶ୍ରୀକୃଷ୍ଣଲୀଳା ଶୁଣିବାକୁ ଆସିଥାନ୍ତି। ସତ୍‌ସଙ୍ଗ ଗୋଷ୍ଠୀରେ ଧର୍ମଚର୍ଚ୍ଚା ଚାଲେ। ପ୍ରତିଦିନ ପ୍ରଭାତରୁ ଉଠି ସ୍ନାନସାରି ଗାଁରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଯାଏ। ସେଠାରେ କିଛି ସମୟ ପ୍ରାର୍ଥନା କରି ଶ୍ରୀକୃଷ୍ଣଲୀଳା ଗାନ କରିଥାଏ। ମୋତେ ଯେବେ ୧୨ବର୍ଷ ସେହି ସମୟରୁ ଶ୍ରୀକୃଷ୍ଣଲୀଳା ଗାୟନକରିବା ସହ ଅନ୍ୟମାନଙ୍କୁ ନାଟ୍ୟଶିକ୍ଷା ଦେଲି। ପୁରାଣ ବିଷୟରେ ଅଧିକ କିଛି ଜାଣିବା ପାଇଁ ଦାଦା କ୍ଷେତ୍ର ସ୍ୱାଇଁ, ଗୁରୁ ଚୌଧୁରୀ ବେହେରା, ନାରାୟଣ ତନ୍ତି, ଆକୁଳ ପାଢ଼ୀ, ଭୋବନୀ ପାତ୍ର, ଲକ୍ଷ୍ମଣ ରଥଙ୍କଠାରୁ ଶ୍ରୀକୃଷ୍ଣଲୀଳାର ଶିକ୍ଷା ନେଲି। ନିକଟସ୍ଥ ଗାଁରେ ମଧ ନୃତ୍ୟ ଓ ସଂଗୀତ ଶିକ୍ଷାଦେଲି। ଗୋଟିଏ ଗୋଟିଏ ଦଳରେ ପ୍ରାୟ ୨୦ରୁ ୩୦ଜଣ ଲେଖାଏଁ କଳାକାର ଯୋଗଦେଉଥିଲେ। ଶ୍ରୀକୃଷ୍ଣଲୀଳାର ବାଲ୍ୟଲୀଳାଠାରୁ ଆରମ୍ଭକରି କଂସବଧ ଯାଏ ପରିବେଷଣ ହେଉଥିଲା। ଏହି ଲୀଳାର ପ୍ରାୟ ୪୮ଟି ଅଧ୍ୟାୟକୁ ପ୍ରାୟ ଘଣ୍ଟାଘଣ୍ଟାଧରି ମଞ୍ଚରେ ପରିବେଷଣ କରାଯାଉଥିଲା। ଶ୍ରୀକୃଷ୍ଣଲୀଳା ନୃତ୍ୟ ଓ ସଂଗୀତ ବେଳେ ଭକ୍ତିରସରେ ଦର୍ଶକ ବିଭୋର ହୋଇପଡୁଥିଲେ। ମୁଁ ଗୋବିନ୍ଦପୁର, ବୋରିପଦର, ଡୁମକୁପା, ହୁମୁକି, ହିଣ୍ଡଳ, କବିସୂର୍ଯ୍ୟନଗର, ଦେଓଗାଁ, କଳମ୍ବଖଣ୍ଡରୁ, ଅରଖପୁର, ଚିକିଟି, ଦିଗପହଣ୍ଡି, କୁଶପଡ଼ା, ଖାରିଆଗୁଡ଼ା, ରାଳବ, ନନ୍ଦିକ, ସୋରଳା ଆଦି ଶତାଧିକ ଗାଁରେ ଶ୍ରୀକୃଷ୍ଣଲୀଳା ପରିବେଷଣ କରିଛି। ସେହିପରି ରାଜ୍ୟ ବାହାରେ ତଥା ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ମଧ୍ୟ କୃଷ୍ଣଲୀଳାର ପ୍ରଚାର କରିଛି। ଗଞ୍ଜାମ ଜିଲାର ପ୍ରାୟ ୪୦ଟି ସ୍ଥାନରେ ଶ୍ରୀକୃଷ୍ଣଲୀଳା ପାଇଁ ବହୁ ଛାତ୍ର ଏଥିରେ ଯୋଡ଼ି ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରେ ଏବେ କେତେଜଣ ଶିଷ୍ୟ ଏହି କଳାର ପ୍ରଚାର ପ୍ରସାର କରୁଛନ୍ତି। କୃଷ୍ଣଲୀଳା ଯୋଗୁ ବିଭିନ୍ନ ସଂସ୍ଥାରୁ ମୋତେ ସମ୍ମାନିତ ଓ ପୁରସ୍କୃତ କରାଯାଇଛି। ପୂର୍ବରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଲୋକସଂସ୍କୃତି ସମ୍ମାନରେ ସମ୍ମାନିତ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନ ମୋତେ ବହୁତ ଖୁସି ଦେଇଛି। ମୋର ମନେପଡ଼େ ଥରେ ରିଷିକେଶ ଯାଇଥିଲି ସେଠାରେ ପ୍ରାୟ୨୧ଦିନଧରି ଦିନକୁ ଥରେମାତ୍ର ଜଳପାନକରି ସାଧନା କରିଥିଲି। ସେଠାରେ ଦୈବକୃପା ଲାଭ ହୋଇଥିବାର ଅନୁଭବକଲି। ଯେଉଁଠାରେ ନାମକୀର୍ତ୍ତନ ହୁଏ ସେଠାରେ ଭଗବାନ ସ୍ୱୟଂ ପ୍ରକଟ ହୋଇଥାନ୍ତି, ଏହା ମୋର ଦୃଢ଼ ବିଶ୍ୱାସ। ଭଗବାନଙ୍କ ନାମରେ ଅପାର ମହିମା ରହିଛି। ଶ୍ରଦ୍ଧା ଓ ନିଷ୍ଠାର ସହିତ ବାରମ୍ବାର ଆବୃତ୍ତି କଲେ ଅନ୍ତଃକରଣରେ ପବିତ୍ରତା ଆସେ। ଦିବ୍ୟ ଆନନ୍ଦ ମିଳେ। ଏବେ ମୋର ବୟସ ପ୍ରାୟ ୧୦୬ ହୋଇସାରିଲାଣି। ପ୍ରାତଃ ସମୟରେ ହରିନାମ ଏବଂ ରାତିରେ ନିଦ୍ରା ପୂର୍ବରୁ ଭଗବାନଙ୍କ ନାମ ଜପିଥାଏ। ବାର୍ଦ୍ଧକ୍ୟ ହେତୁ ଶରୀର ଟିକେ ଅସୁସ୍ଥ ଅନୁଭବ କରୁଛି। ମୋ ପରିବାରର ଦୁଇ ପୁଅ, ଗୋଟିଏ ଝିଅ,ସେମାନଙ୍କ ମଧ୍ୟରେ ବଡ଼ପୁଅ ବଡ଼ବୋହୁ ଓ ସାନବୋହୁ ମୃତ୍ୟୁ ବରଣ କରିସାରିଛନ୍ତି। ପୂର୍ବରୁ ଆମ ଅଞ୍ଚଳରେ ଏହି ସମ୍ମାନ କିଏ ପାଇଛନ୍ତି କି ନାହିଁ ତାହା ମୁଁ ଜାଣିନି। ପଦ୍ମଶ୍ରୀ ସମ୍ମାନ ମିଳିବ ବୋଲି ଟିଭିରୁ ଶୁଣି ମୋ ନାତି ମୋତେ କହିଥିଲା। ଭାରତ ସରକାରଙ୍କ ଏହି ସମ୍ମାନ ଜନକ ଉପାଧି ମୋତେ ମିଳିବ ଏଥିପାଇଁ ଆମ ଘରକୁ ଏକ ସରକାରୀ ଚିଠି ଟିଏ ଆସିଥିଲା, ଯାହାକୁ ଦେଖି ଖୁସୀ ଲାଗିଲା। କାରଣ ମୁଁ ଏ ବିଷୟରେ ଆଗରୁ ସେମିତି କିଛି ଜାଣିନଥିଲି। ଏବେ ନାତି ଅମିତଙ୍କ ପାଖରେ ରହୁଛି। ସମସ୍ତଙ୍କ ଶ୍ରଦ୍ଧା ମୋ ପ୍ରତି ରହିଛି।

–ବନବିହାରୀ ବେହେରା



# ସ୍ନେହର ସୂତ୍ର

**–ସୁପ୍ତି କର**

**ସୋ**ନିଆ ଡ୍ରଇଂରୁମ୍‌ରେ ଚୁପ୍‌ଚାପ୍ ବସି ସକାଳର ବ୍ଲାକ କଫି ପିଉଥିଲା। ହଠାତ୍ କାନରେ ପଡ଼ିଲା ବାପାଙ୍କ କଣ୍ଠସ୍ୱର– କାବେରୀ! ମୁଁ ପାର୍କ ଆଜି ଯାଉଛି। ମା' ଆସି– ହଁ ହଁ ଯାଅ। ହେଲେ ଦେଖିକରି ଯିବ। ଏଇ ସକାଳୁଆ ସ୍କୁଲବସ୍, ଅଟୋ ସବୁ ଯେମିତି ରାସ୍ତାରେ ଭିଡ଼ କରୁଛନ୍ତି ନା ଡର ମାଡ଼େ। ସୋନିଆ ଆଖି ବଡ଼ ବଡ଼ କରି ଦୂରଦର୍ଶନ ଧାରାବାହିକର ଆଧୁନିକ, ସ୍ୱାଧୀନଚେତା ତଥା ସ୍ୱତନ୍ତ୍ର ମହିଳା ଭଳି କହିଲା–ମା! ବାପା ଜଣେ ରିଟାୟାର ଗେଜେଟେଡ୍ ଅଫିସର। ତାଙ୍କ ଜୀବନରେ କେତେ ଦାୟିତ୍ୱ ତୁଲାଇଛନ୍ତି। ଆଉ ତୁ ଏମିତି ଛୋଟ ପିଲାଙ୍କ ଭଳି ତାଙ୍କୁ ଉପଦେଶ ଦେଉଛୁ! କାବେରୀ ସୋନିଆ ମୁଣ୍ଡରେ ତେଲ ମାଲିସ୍ କରୁ କରୁ କହିଲେ– ମା'ରେ! ଏଇସବୁ ଛୋଟ ଛୋଟ କଥାଯେ ଦାମ୍ପତ୍ୟକୁ ମଧୁର କରେ। ସୋନିଆ ମା'ଙ୍କ ହାତର ତେଲଘଷାକୁ ଉପଭୋଗ କରୁ କରୁ ଆଖିମୁଜି ମନେପକାଉଥିଲା ତା'ର ଛୋଟ ବେଳର କଥା। ତାକୁ ସ୍କୁଲ ପାଇଁ ରେଡି କରି ମା'ବାପାଙ୍କ ଉଦ୍ଦେଶ୍ୟରେ ଡାକ ଛାଡ଼ନ୍ତି– ହେଇଟି ମୁଁ ଗାଧୋଇବାକୁ ଯାଉଛି, ଆସିଲେ ଜଳଖିଆ ବାଢ଼ିଦେବି। ତୁମେ ଶାର୍ଟ ପେଣ୍ଟ ପିନ୍ଧି ରେଡି ହୋଇଯାଅ। ବାପା ମାର୍କେଟ ଗଲେ– ବାରମ୍ବାର ପଚାରୁଥିବେ ତୁମର କ'ଣ ଦରକାର? ଅଫିସରୁ ଫେରି କେତେ ଗପ ଗପନ୍ତି– ଆଜି ଷ୍ଟେନୋ ଟାଇପ୍ ଲେଟ କଲା, ମିଶ୍ରବାବୁଙ୍କ ଦେହ ଭଲନାହିଁ ଏମିତି କେତେ କଥା। ଆଉ ଯଦିବା କଦବା କ୍ୱଚିତ୍ କିଛି କାରଣ ଯୋଗୁ ମା'ଙ୍କୁ ରାଗରେ କିଛି କହିଦେଇଥା'ନ୍ତି, ସେଦିନ ସନ୍ଧ୍ୟାରେ ଅଫିସରୁ ଫେରିବାବେଳେ ମା'ଙ୍କ ମନପସନ୍ଦ ଗରମାଗରମ ଜିଲାପି ଆଉ ସେଇ ଏରିଆ ଫେମସ୍ ରଘୁ ଦୋକାନ ପିଆଜି ନେଇ ଆସନ୍ତି। ମା' ବି ସକାଳର ଅଭିମାନକୁ ମନ ଦର୍ପଣରୁ ପୋଛିଦେଇ ତାଙ୍କ ହାତରୁ ସବୁ ନେଇ ସରାଗରେ ଗ୍ଲାସେ ପାଣି ପିଇବା ପାଇଁ ବଢ଼ାଇ ଦିଅନ୍ତି। ହେଲେ ସୋନିଆ ଓ ରାଜୀବଙ୍କ ଜୀବନରେ ଏମିତି କିଛି ହୁଏନି। ସେଇଥିପାଇଁ ତ ଗତ ପନ୍ଦର ଦିନ ହେବ ଅଫିସରୁ ଛୁଟିନେଇ ରାଜୀବଙ୍କ ଟୁର ଅଛି ଏମିତି ମିଛ କହି ମା'ବାପାଙ୍କ ପାଖରେ ଆସି ରହିଛି। ରାଜୀବ ଓ ତା' ଭିତରେ ଗତ ତିନିବର୍ଷ ବିବାହ ଭିତରେ ଦୂରତା କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଯଦିଓ ଦୁହେଁ ଦୁହିଁଙ୍କୁ ପସନ୍ଦ କରି ବିବାହ କରିଥିଲେ, ହେଲେ ଏବେ ସବୁକିଛି ଦୁହେଁ ଦୁହିଁଙ୍କର ନାପସନ୍ଦ କରନ୍ତି। ରାଜୀବ ତାଙ୍କ ସମୟରେ ଅଫିସ, ସୋନିଆ ତା' ସମୟରେ ଅଫିସ ଯାଆନ୍ତି। ଜଣଙ୍କର ଦିନ ତ ଆଉଜଣଙ୍କର ରାତି। ଦୁହେଁ କେତେବେଳେ ଆସନ୍ତି କେତେବେଳେ ଯାଆନ୍ତି ଖୋଜଖବର ନଥାଏ। ଦୁହିଁଙ୍କ ପାଖେ ଦୁଇଟି ଚାବି। ଗୋଟିଏ ଘରେ ଅଜଣା ପରି ରୁହନ୍ତି। ଏଡ଼େବଡ଼ ଘରଟେ କିଣି ଦୁହେଁ ଦୁହିଁଙ୍କ ସହ କ୍ୱାଲିଟି ଟାଇମ ବିତାଇବେ ଭାବିଥିଲେ ; ହେଲେ ଏକ ମୋଟା ଅଙ୍କର ଲୋନ ଶୁଝିବାରେ ଦୁହେଁ ଏତେ ବ୍ୟସ୍ତ ଯେ ରବିବାର ବି ଛୁଟି ନଥାଏ। ରାଜୀବ ଓଭରଟାଇମ ଓ ସୋନିଆ ଅନ୍‌ଲାଇନ ଟ୍ୟୁଶନ ନିଏ। ସୋନିଆ ମନେପକାଇବାକୁ ଚେଷ୍ଟା କରୁଥିଲା ଦୁହେଁ କେବେ ଖୁସି ହୋଇ ଗପ କରିଥିଲେ ଅବା ଖାଇବା ଖାଇଥିଲେ। ତାକୁ ତ ରାଜୀବଙ୍କ ମନପସନ୍ଦ ଖାଇବା କ'ଣ ତା' ବି ଜଣାନାହିଁ। କୁକ୍ ଆସେ ଦିନରେ ରାନ୍ଧି ରଖିଦେଇଯାଏ। ତାକୁଇ ମାଇକ୍ରୋୱେଭରେ ଗରମ କରି ଦୁହେଁ ନିଜ ନିଜ ସମୟରେ ଖାଆନ୍ତି। ନଚେତ ବାହାରୁ ମଗେଇ ଦିଅନ୍ତି କିମ୍ବା ଅଫିସ କ୍ୟାଣ୍ଟିନରେ ଖାଇ ଆସନ୍ତି। ଜୀବନର ଖୁସି ସବୁକୁ ସାଉଁଟିବା ପାଇଁ ଦୁହେଁ ଧାଉଁଥାନ୍ତି ଦୁଇଟି ସମାନ୍ତର ସରଳରେଖାରେ। ମା'ବୋଧେ ବୁଝି ପାରିଲେ। ତା' ମୁଣ୍ଡ ସାଉଁଳେଇ କହିଲେ– ସୋନି! ରାଜୀବ ତୋତେ କି ତୁ ରାଜୀବକୁ ଫୋନ କରୁନୁ ତ? କ'ଣ କିଛି ମନୋମାଳିନ୍ୟ ହୋଇଛି କି? ମା'ଙ୍କ କଥା ଶୁଣି ସୋନିଆ ଆଖିରେ ଲୁହ ଜକେଇ ଆସିଲା। ମା' କହୁଥିଲେ– ସୋନି! ବଡ଼ ବଡ଼ ଖୁସି ହାସଲ କରିବା ମୋହରେ ତୁମେ ଛୋଟ ଛୋଟ ଖୁସି ବାଣ୍ଟିବାକୁ ଭୁଲିଯାଉଛ। ବ୍ୟାଙ୍କ ବାଲାନ୍ସ, ପ୍ରମୋଶନ, ବଡ଼ଘର ଆଦି ବଡ଼ ବଡ଼ କଥା ବୁଝୁ ବୁଝୁ ଦୁହେଁ ଦୁହିଁଙ୍କର ସାନ ସାନ କଥା ବୁଝିବାକୁ ବେଳପାଉନ। ନିଜର ଅହଂକୁ ଭୁଲି ଦୁହେଁ ଦୁହିଁଙ୍କର ଦୋଷ ଦୁର୍ବଳତାକୁ ଲୁଚାଇ ପରସ୍ପରର ବଳ ହୁଅ। ଦେଖିବୁ ସବୁ ଠିକ ହୋଇଯିବ। ମା'ରେ! କଥାରେ ଅଛି ପରା ଯାତ୍ରା ଗନ୍ତବ୍ୟ ସ୍ଥଳୀଠାରୁ ବେଶୀ ସୁନ୍ଦର। ସେଇ ଜୀବନ ଯାତ୍ରାକୁ ଉପଭୋଗ କର। ସୋନିଆ କ'ଣ ଭାବିଲା କେଜାଣି, ରାଜୀବଙ୍କୁ ମେସେଜ କଲା– ବ୍ରେକଫାଷ୍ଟ କଲଣି? ସେ ଜାଣିଥିଲା ଏହା ରାଜୀବଙ୍କ ନଜରରେ ପିଲାଳିଆମି। ତେଣୁ ଉତ୍ତର ଆଶା କରୁ ନଥିଲା। ହେଲେ ସେପଟୁ ତାକୁ ଆଶ୍ଚର୍ଯ୍ୟ ଚକିତ କରି ରାଜୀବ ଲେଖିଲେ–ହୁଁ! ଆଉ ତୁମେ? ଘରେ ସବୁ ଠିକ୍ ତ?

ଦୁହିଁଙ୍କର ଚାଟିଂର ଟିଂ ଟିଂ ଶବ୍ଦ ଧୀରେ ଧୀରେ ବଢୁଥିଲା। ସୋନିଆର ଗତ କେଇଦିନ ଧରି ଭାରୀ ଦିଶୁଥିବା ମୁହଁଟା ଏବେ ନିର୍ମଳ ଦିବାଲୋକ ଭଳି ଫର୍ଚ୍ଚା ଦିଶୁଥିଲା। ସୋନିଆ ମା'ଙ୍କଠାରୁ ଜଟିଳ ଗଣିତ ଭଳି ଲାଗୁଥିବା ଜୀବନରେ ସ୍ନେହର ସୂତ୍ରଟା ପାଇଯାଇଥିଲା।

*–ଜେ.ଏନ୍. ଲେନ୍ ଡେଲି ମାର୍କେଟ୍, ରାଉରକେଲା*
*ମୋ: ୯୪୩୮୩୯୩୮୩୮*

## ହିସାବ

**ମୂଳଲେଖା: ତସ୍‌ଲିମା ନସ୍‌ରିନ୍**
**ଅନୁବାଦ: ପ୍ରଦୀପ କୁମାର ରାୟ**

**କେ**ତେ ଭଲପାଇବା ଦେଲ,
କେତେ ତୋଡ଼ା ଗୋଲାପ ଦେଲ,
କେତେ ସମୟ, କେତେଟା ସମୁଦ୍ର ଦେଲ,
କେତୋଟି ନିର୍ଧୂମ୍ ରାତି ଦେଲ, କେଇ ଟୋପା ଆଖିର ଲୁହ ଦେଲ
ସବୁ ସେଦିନ ଭୀଷଣ ଆବେଗରେ
ଶୁଣାଉଥିଲ ମୋତେ, ବୁଝାଇବାକୁ ଚାହୁଁଥିଲ
ମୋତେ ଖୁବ୍ ଭଲପାଅ ବୋଲି,
ମୁଁ ବୁଝି ପାରିଥିଲି ତୁମେ ଏବେ ମୋତେ ଟିକେ ବି ଭଲପାଅ ନାହିଁ।
ଭଲପାଇବା ସରିଗଲେ ମଣିଷ ହିସାବ କରି ବସେ,
ତୁମେ ବି କରୁଛ।
ଭଲପାଇବା ସେତେଦିନ ହିଁ ଭଲପାଇବା
ଯେତେଦିନ ତାହା ଅନ୍ଧ ଥାଏ, ବଧିର ଥାଏ,
ଯେତେଦିନ ତାହା ବେହିସାବି ଥାଏ।

*– ପଟିଆ, ଭୁବନେଶ୍ୱର*
*ମୋ: ୯୪୩୭୫୩୪୭୭୩*





# ଇମୋଶନାଲ ସମ୍ମିତ


ସମ୍ମିତ

ବେଳେବେଳେ କିଛି କଥାରେ ମଣିଷ ଏତେ ଇମୋଶନାଲ ବା ଭାବପ୍ରବଣ ହେଇଯାଏ ଯେ, ସେ ନିଜକୁ ଆୟତ୍ତରେ ରଖିପାରେନା। ଠିକ୍ ସେହିଭଳି ଏକ ପରିସ୍ଥିତିର ସାମନା କରିଥିଲେ ବର୍ତ୍ତମାନ ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ସମ୍ମିତ। କଥା କ'ଣ କି ନୂଆ ସିନେମା 'ହେ ରାମ : କର୍ମ ହିଁ ଭଗବାନ'ର କାହାଣୀ ଯେତେବେଳେ ସେ ଶୁଣିଲେ ବେଶ୍ ଭାବପ୍ରବଣ ହୋଇପଡିଥିଲେ। ଏ ସମ୍ପର୍କରେ ସମ୍ମିତ କହନ୍ତି, 'ଫିଲ୍ମଟି ଏକ ଭିନ୍ନଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି। ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ବେଶ୍ ଭାବପ୍ରବଣ ହୋଇଯାଇଥିଲି। କାରଣ ଏଭଳି ଏକ ଡିଫରେଣ୍ଟ ସବ୍‌ଜେକ୍ଟକୁ ନେଇ ସିନେମା କରିବା ଏକ ଚ୍ୟାଲେଞ୍ଜ ସଦୃଶ। ଯାହା ହେଉ ବିଜୟ ସାର୍ ଫିଲ୍ମଟିର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଛନ୍ତି। ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଉକ୍ତ ଚଳଚ୍ଚିତ୍ରର ଲିଡ୍ ରୋଲ୍‌ରେ ସମ୍ମିତ ଅଭିନୟ କରିଛନ୍ତି । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଓଡ଼ିଆ ସିନେମା ଜଗତର ଅନ୍ୟତମ ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ଏଥିରେ ସମ୍ମିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା, ଗୁଡ୍ଡୁ, ଜଗନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି ଏବଂ ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କଥା ଅଟକିଛି ୫କୋଟିରେ..


ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଏହାର କାରଣ କ'ଣ ଜାଣନ୍ତି ? ଶୁଣିବାକୁ ମିଳୁଛି ଯେ ଏକ ଦ୍ୱିଭାଷୀ ଫିଲ୍ମ 'ତାମିଲ-ହିନ୍ଦୀ) ପାଇଁ ସେ କୁଆଡେ ନିଜର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ପୁଣି କେତେ ଜାଣନ୍ତି ? ଏକାଥରେ ପାଞ୍ଚ କୋଟି। ଏହି ଫିଲ୍ମଟିର ଟାଇଟଲ ରହିଛି 'ଆରସି ୧୬'। ତାମିଲ ଇଣ୍ଡଷ୍ଟ୍ରିର ଅନ୍ୟତମ ଲୋକପ୍ରିୟ ଅଭିନେତା ରାମ ଚରଣ ଏହାର ନାୟକ ସାଜିଛନ୍ତି। ଆଉ ତାଙ୍କ ଅପୋଜିଟ୍‌ରେ ଜାହ୍ନବୀଙ୍କୁ କାଷ୍ଟିଂ କରାଯାଇଛି। ଏହି ନୂଆ ପ୍ରୋଜେକ୍ଟ ପାଇଁ ହିଁ ଶ୍ରୀଦେବୀ ତନୟା ପାଞ୍ଚ କୋଟି ଡିମାଣ୍ଡ କରିଥିବା ଆଲୋଚନା ହେଉଛି। ଜାହ୍ନବୀ କହନ୍ତି, 'ମୁଁ ମୋ ରେମ୍ୟୁନରେଶନ ବଢ଼ାଇ ଦେଇଛି ବୋଲି ଯାହା ଆଲୋଚନା ହେଉଛି, ସେଥିରେ ଆଦୌ ସତ୍ୟତା ନାହିଁ। କିନ୍ତୁ ପ୍ରଯୋଜକ ମୋତେ ଏହି ଫିଲ୍ମ ପାଇଁ ଅଧିକ ପାରିଶ୍ରମିକ ଦେବାକୁ ସୂଚନା ଦେଇଛନ୍ତି। କଥା ଫାଇନାଲ ହୋଇନାହିଁ।' ଅନ୍ୟପକ୍ଷରେ ଜୁନିୟର ଏନଟିଆର ଏବଂ ଜାହ୍ନବୀଙ୍କୁ ନେଇ ପ୍ରସ୍ତୁତ ହୋଇଛି ତେଲୁଗୁ ଫିଲ୍ମ 'ଦେବାରା'। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଜାହ୍ନବୀ।

# ଦୃଢ଼ମନା ପ୍ରଭାସ


ପ୍ରଭାସ

ଦକ୍ଷିଣ ଭାରତୀୟ ସିନେମା ଜଗତର ଅନ୍ୟତମ ପରିଚିତ ଅଭିନେତା ହେଉଛନ୍ତି ପ୍ରଭାସ। 'ବାହୁବଳୀ' ଫେମ୍ ଏହି ଆକ୍ଟର ବେଶ୍ ଦୃଢ଼ମନା। ଗୋଟିଏ ବର୍ଷରେ ପୁଳାଏ ଫିଲ୍ମ କରି ସଂଖ୍ୟା ବଢ଼ାଇବା ଚକ୍କରରେ ସେ ଆଦୌ ନ ଥାନ୍ତି। ତାଙ୍କୁ ଏ ନେଇ ଯେତେ ପ୍ରେସର ଦେଲେ ମଧ୍ୟ ତାହାକୁ ସେ ଏଡାଇ ଦେଇଥାଆନ୍ତି। ନିଜର ଏଭଳି ମାନସିକତା ବିଷୟରେ ସେ କହନ୍ତି, 'ବର୍ଷକୁ ଯଦି ଗୋଟିଏ ଫିଲ୍ମ ରିଲିଜ ହୁଏ ଏବଂ ତାହା ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରେ ତେବେ କ୍ଷତି କ'ଣ ? ପୁଳାଏ ଫିଲ୍ମରେ ଅଭିନୟ କରିବା ଆଉ ସେଗୁଡିକ ଅସଫଳ ହେବା-ଏହା ପଛରେ ମୁଁ ଆଦୌ ପଡି ନ ଥାଏ। 'ବାହୁବଳୀ' ଫିଲ୍ମ ପାଇଁ ମୁଁ ପାଞ୍ଚ ବର୍ଷ ସମୟ ଦେଇଥିଲି। ପ୍ରାରମ୍ଭିକ ପ୍ରସ୍ତୁତି, ବଡି ଗେଟ୍‌ଅପ୍ ଆଦି ଏଥିରେ ସାମିଲ ଥିଲା। ଏପରିକି ନିଜକୁ ଫିଟ୍ ରଖିବାକୁ ପ୍ରଯୋଜକ ମୋତେ ଏକ ସ୍ୱତନ୍ତ୍ର ଜିମ୍ ଯିବାକୁ ଆର୍ଥିକ ସହାୟତା ଦେଇଥିଲେ। ଏହି ଫିଲ୍ମର ଶୁଟିଂ ୬୦୦ଦିନ ହୋଇଥିଲା। ତା'ପରେ ଯାହା ହେଲା ଆପଣମାନେ ଜାଣନ୍ତି।' ତେବେ ତାଙ୍କୁ ନେଇ ୫୦୦କୋଟି ବଜେଟ୍‌ରେ ପ୍ରସ୍ତୁତ 'ଆଦିପୁରୁଷ' ଫ୍ଲପ୍ ହେବା ସହ ଏଥିରେ ତାଙ୍କ ରାମ ଭୂମିକାକୁ ବି ଲୋକେ ପସନ୍ଦ କରି ନ ଥିଲେ। ହେଲେ ଏହାପରେ ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ 'ସଲାର' ହିଟ୍ ସାବ୍ୟସ୍ତ ହେଲା। ଏହାର ହିନ୍ଦୀ ଭର୍ସନ ଖୁବ୍ ଶୀଘ୍ର ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାକୁ ଯାଉଛି।

# ସତ ହେଲା ସ୍ୱପ୍ନ

ସ୍ୱପ୍ନ ହୁଏତ ଅବାସ୍ତବ ହୋଇପାରେ, ହେଲେ ବେଳେବେଳେ ଏହା ସତରେ ପରିଣତ ହୁଏ। ଦେଖୁନାହାନ୍ତି, ଯେଉଁ ଆଶାକୁ ସାକାର କରିବାକୁ ସେ ଚାହିଁ ବସିଥିଲେ ତାହା କିପରି ପୂରଣ ହୋଇଛି। ଏଠାରେ କାହା କଥା କୁହାଯାଉଛି କହିଲେ ? ଆନିମଲ ଚଳଚ୍ଚିତ୍ରରେ ହଟ୍ ଓ ବୋଲ୍ଡ ଅଭିନୟ କରି ଚର୍ଚ୍ଚା ସାଉଁଟିଥିବା ତ୍ରିପ୍ତି ଡିମ୍ରିଙ୍କ କଥା। ପ୍ରକୃତ କଥା ହେଲା ବଲିଉଡ୍‌ର ଅନ୍ୟତମ ନାମୀ ତଥା ଆଗଧାଡିର ପ୍ରଯୋଜକ କରନ୍ ଜୋହରଙ୍କ ଆଗାମୀ ଫିଲ୍ମରେ ସେ ନାୟିକା ଭାବରେ ଦେଖାଦେବେ ବୋଲି ଯେତେବେଳେ ତାଙ୍କୁ ଅଫର ମିଳିଲା ତାହାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ଏ ବିଷୟରେ ତ୍ରିପ୍ତି କହନ୍ତି, 'ଯେତେବେଳେ କରନ୍ ସାର୍ ମୋତେ ଫୋନ୍ କରି ଏହି ପ୍ରୋଜେକ୍ଟରେ ଅଭିନୟ କରିବାକୁ କହିଲେ ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ତାଙ୍କ ଭଳି ପ୍ରଯୋଜକଙ୍କ କ୍ୟାମ୍ପରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ଯେଉଁ ଭୂମିକା ଦିଆଯାଇଛି ତାହାକୁ ଠିକ୍ ଭାବରେ ତୁଲାଇବାକୁ ଯଥାସମ୍ଭବ ଚେଷ୍ଟା କରିବି।' କରନଙ୍କର ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ଏଥିରେ ତ୍ରିପ୍ତିଙ୍କ ନାୟକ ସାଜିବେ ସିଦ୍ଧାର୍ଥ ଚତୁର୍ବେଦୀ। ତ୍ରିପ୍ତିଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୭ରେ। କମେଡିଭିତ୍ତିକ ଫିଲ୍ମ 'ପୋଷ୍ଟର ବୟ' (ସନ୍ନି ଦେଓଲ, ବବି ଦେଓଲ)ରୁ ସେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ଅନ୍ୟ ହିନ୍ଦୀ ସିନେମାଗୁଡିକ ହେଉଛି 'ମମ୍', 'ଲୈଲା ମଜ୍‌ନୁ', 'ବୁଲ୍‌ବୁଲ୍' 'କ୍ୱେଲା' ଏବଂ ଗତ ବର୍ଷ ଶେଷାର୍ଦ୍ଧରେ ରିଲିଜ ହୋଇ ସୁପରହିଟ୍ ହୋଇଥିବା 'ଆନିମଲ'।


ତ୍ରିପ୍ତି

# ଅମୀଷାଙ୍କ ଘୋଡା ଚଢ଼ା

ଅମୀଷା ପଟେଲଙ୍କୁ ଅବସର ମିଳିଲେ ଆଉ ଯାହା କରନ୍ତୁ ନା କାହିଁକି ଗୋଟିଏ କଥା କରିବାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଘୋଡା ଚଢ଼ା। ଲିଜର ସମୟରେ ସେ କିଛି ସମୟ ନିଜକୁ ଏହି କାମରେ ନିୟୋଜିତ ରଖନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଦିନେ ଟିଭିରେ ହର୍ସ ରେସିଂ ଦେଖୁଥିଲି। ତା'ପରେ ମୋର ଘୋଡା ଚଢ଼ିବାକୁ ମନ ହେଲା। ବାସ୍, ଏ ନେଇ ଟ୍ରେନିଂ ମଧ୍ୟ ନେଲି। ଘରେ ଥିଲେ ପ୍ରତିଦିନ ସକାଳେ ହେଉ ଅବା ଅପରାହ୍ଣରେ ଘୋଡା ନ ଚଢ଼ିଲେ ମୋତେ ଭଲ ଲାଗେନା। ସତେଯେମିତି ଏହା ମୋର ଅଭ୍ୟାସରେ ପଡିଯାଇଛି।' ଅମୀଷାଙ୍କ ପ୍ରଥମ ସିନେମା ଥିଲା ରାକେଶ ରୋଶନଙ୍କ 'କହୋ ନା ପ୍ୟାର ହେ' (୨୦୦୦)। ଏହି ଫିଲ୍ମରୁ ହ୍ରିତିକ ରୋଶନ ମଧ୍ୟ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ଚିତ୍ରଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଅମୀଷାଙ୍କୁ ଆଇଫା ଆୱାର୍ଡ ମିଳିଥିଲା। ୨୦୦୧ରେ ସନ୍ନି ଦେଓଲ ଏବଂ ଅମୀଷାଙ୍କୁ ନେଇ ନିର୍ମିତ 'ଗଦ୍ଦର : ଏକ ପ୍ରେମ କଥା' ମଧ୍ୟ ହିଟ୍ ହୋଇଥିଲା। ଅଭିନୟରେ ପ୍ରବେଶ କରିବା ପୂର୍ବରୁ ଅମୀଷା ବାୟୋଜେନିଟିକ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ନିକଟରେ ରିଲିଜ ହୋଇଥିବା 'ଗଦ୍ଦର-୨'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା ଏବଂ ଫିଲ୍ମଟିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।


ଅମୀଷା

# ବରୁଣଙ୍କ ପ୍ରଶଂସାରେ ଶ୍ରଦ୍ଧା

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ବରୁଣ ଧାୱନଙ୍କ ପ୍ରଶଂସାରେ ଶତମୁଖ। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। ନ ହେଲେ ଜଣେ କାହିଁକି ଅନ୍ୟ ଜଣଙ୍କର ଅଯଥାରେ ପ୍ରଶଂସା କରିବ। କଥା କ'ଣ କି ଶ୍ରଦ୍ଧା ଅଭିନୟ କରୁଥିବା 'ସ୍ତ୍ରୀ-୨'ରେ ଜଣେ ଅତିଥି କଳାକାରଙ୍କୁ ଖୋଜା ପଡିଲା। ଏକ ଛୋଟ ଭୂମିକାରେ କିଏ ଅଭିନୟ କରିବ ସେ ନେଇ ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଚିନ୍ତା କରିବାକୁ ଲାଗିଲେ। ହେଲେ ଶେଷରେ ବରୁଣଙ୍କ ଠାରେ ଦୁହେଁ ଫାଇନାଲ ମୋହର ମାରିଛନ୍ତି। ଆଉ ଯେତେବେଳେ ଶ୍ରଦ୍ଧା ଏକଥା ଜାଣିଲେ ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ଏ ବିଷୟରେ ସେ କହନ୍ତି, 'ଅବଶ୍ୟ ମୁଁ ମନେ ମନେ ଭାବୁଥିଲି ଯେ ଏହି ଗେଷ୍ଟ ରୋଲ୍ ପାଇଁ ବରୁଣ ହିଁ ଫିଟ୍। ଦେଖିଲାବେଳକୁ ତାଙ୍କୁ ହିଁ ସାଇନ୍ କରାଯାଇଛି। ସେ ଜଣେ ଅଲରାଉଣ୍ଡର। ତାଙ୍କ ସାଙ୍ଗରେ ଅଭିନୟ କରିବାର ମଜା ହିଁ ନିଆରା।' ବରୁଣ ଏହି ଫିଲ୍ମର ଶୁଟିଂ ପାଇଁ ମାତ୍ର ଦୁଇ ଦିନ ସମୟ ଦେବେ। ଦିନେଶ ଭିଜନ୍ ଏବଂ ଆକାଶ ଅମ୍ବାନୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଅମର କୌଶିକ। ଫିଲ୍ମଟିର ବିଭିନ୍ନ ଭୂମିକାରେ ଶ୍ରଦ୍ଧାଙ୍କ ବ୍ୟତୀତ ରାଜକୁମାର ରାଓ, ପଙ୍କଜ ତ୍ରିପାଠୀ ଏବଂ ଅଭିଷେକ ବାନାର୍ଜୀ ଅଭିନୟ କରିଛନ୍ତି। ଚିତ୍ରଟି ଚଳିତ ବର୍ଷ ଅଗଷ୍ଟ ୩୦ରେ ପରଦା ଉପରକୁ ଆସିବ।


ଶ୍ରଦ୍ଧା

## ପ୍ରଥମ ରୋଜଗାର

# ପ୍ରଥମ ପାରିଶ୍ରମିକ ଥିଲା ୫୦ ଟଙ୍କା



ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ **ଅଭିଜିତ୍ ମଜୁମଦାର୍‌ଙ୍କ** ପ୍ରଥମ ରୋଜଗାର ସମ୍ପର୍କରେ...

ପିଲାଦିନେ ଡ୍ରାମାରେ ଅଭିନୟ କରୁଥିଲି। ସମ୍ବଲପୁର ଜି.ଏମ୍. କଲେଜରେ ଯୁକ୍ତ ୨ ପଢ଼ିଲାବେଳେ କଲେଜ ଡ୍ରାମାରେ ଭଲ ଅଭିନୟ କରିଥିବାରୁ ଗୋଲ୍ଡ ମେଡାଲ୍ ବି ପାଇଥିଲି। ତା' ସାଙ୍ଗକୁ ଭଲ ଗୀତ ବି ଗାଉଥିଲି। କିଶୋର କୁମାରଙ୍କ ଗୀତ ଭଲ ଗାଉଥିବାରୁ କଲେଜରେ ସମସ୍ତେ ମୋତେ ପସନ୍ଦ କରୁଥିଲେ। ଯେବେ ବି ଫୁରସତ୍ ମିଳୁଥିଲା ସାଙ୍ଗମାନେ ମୋତେ ଘେରି ଯାଇ ମୋଠାରୁ ଗୀତ ଶୁଣୁଥିଲେ ; ଭାରି ମଜା ଲାଗୁଥିଲା। ଗୀତ ସିନା ଗାଉଥିଲି ହେଲେ ତାକୁ ନେଇ କେମିତି କ୍ୟାରିୟର କରିବି ସେ ଧାରଣା ମୋର ସେବେ ନ ଥିଲା। କ୍ରମେ କେତେଜଣ ସାଙ୍ଗ କହିବାରୁ ମେଲୋଡି ପାର୍ଟିରେ ଗାଇବାକୁ ଗଲି, ତାହା ପୁଣି ବାବାଙ୍କୁ ଲୁଚି ଲୁଚି। କାରଣ ମୋ ବାବା ଥିଲେ ଜଣେ ପ୍ରିନ୍ସିପାଲ। ମୋର ଯେହେତୁ ପାଠ ଭଲ ହେଉଥିଲା, ତେଣୁ ବାବା ଚାହୁଁଥିଲେ ମୁଁ ଉଚ୍ଚଶିକ୍ଷା ଲାଭ କରି ଡାକ୍ତର କି ଇଞ୍ଜିନିୟର ଅଥବା ଅଧ୍ୟାପକଟିଏ ହୁଏ। ତାଙ୍କର ଏମିତି ଭାବିବା ବି ସ୍ୱାଭାବିକ ଥିଲା। କାରଣ ସେ ସମୟରେ ଗୀତ ଗାଇ ଜଣେ କ୍ୟାରିୟର୍ କରିବା ସେତେ ସହଜ କଥା ନ ଥିଲା। କିନ୍ତୁ ମୋର ଗୀତ ଗାଇବାରେ ଏତେ ଆଗ୍ରହ ଥିଲା ଯେ, ବିନା ପଇସାରେ ବି ମେଲୋଡି ପାର୍ଟିରେ ଯାଇ ଗାଉଥିଲି। ଯୁଆଡ଼େ ଯାଉଥିଲି ସାଙ୍ଗରେ ସାନଭାଇ ଏବଂ ୫/୬ଜଣ ସାଙ୍ଗଙ୍କୁ ନେଇକି ଯାଉଥିଲି। ମୋ ଗୀତ ଶୁଣି ଅନ୍ୟ କେହି ତାଳି ମାରନ୍ତୁ କି ନ ମାରନ୍ତୁ କିନ୍ତୁ ଏମାନେ ନିହାତି ତାଳି ମାରୁଥିଲେ। ବାସ୍ ସେତିକିରେ ହିଁ ଛାତି କୁଣ୍ଢେମୋଟ ହୋଇଯାଉଥିଲା। ଏସବୁ କାମ ରାତିରେ ବାବା ଶୋଇସାରିଲା ପରେ ଲୁଚିକି କରୁଥିଲି ଆଉ ସକାଳ ହେବା ପୂର୍ବରୁ ଘରକୁ ଫେରିଆସି ଚୁପଚାପ୍ ଶୋଇପଡୁଥିଲି। କିଛିଦିନ ଏମିତି ଚାଲିବା ପରେ ଦିନେ ଡୋରେମି ମେଲୋଡି ଟିମ୍‌ର ମ୍ୟାନେଜର୍ ମୋତେ ଝାରସୁଗୁଡ଼ାରେ ଏକ ପ୍ରୋଗ୍ରାମ୍ ଅଛି କହି ଡାକିଲେ ; ଭାରି ଖୁସି ଲାଗିଲା। କାରଣ ଏହା ପୂର୍ବରୁ ମୁଁ ନିଜ ତରଫରୁ କଥା ହେଇକି ମେଲୋଡି ପାର୍ଟିରେ ଗାଉଥିଲି। ପ୍ରଥମ ଥର ପାର୍ଟି ତରଫରୁ ମୋତେ ଖୋଜା ପଡିବାରୁ ମୋ ମନ ଗଗନରେ ଉଡୁଥିଲା। ଠିକ୍ ସମୟରେ ମାଟାଡୋର୍‌ରେ ଯାଇ ଆମେ ଝାରସୁଗୁଡ଼ାରେ ପହଁଚିଗଲୁ। ସେତେବେଳେ ମେଲୋଡି ପ୍ରୋଗ୍ରାମ୍ ରାତି ସାଢେ ୯ଟା/୧୦ଟାରେ ଆରମ୍ଭ ହୋଇ ଭୋର ଯାଏ ଚାଲୁଥିଲା ; ଯେଉଁଥିରେ ପ୍ରାୟ ୩୦/୩୫ଟି ଗୀତ ଟିମ୍ ତରଫରୁ ଗାଇବାକୁ ପଡୁଥିଲା। ସେଦିନ ଗୋଟେ ବିଚିତ୍ର ଘଟଣା ଘଟିଲା ମୋ ସହିତ। ସେହି ପ୍ରୋଗ୍ରାମ୍‌କୁ ସାନଭାଇ କି ମୋର କେହି ସାଙ୍ଗ ଯାଇ ନ ଥିଲେ ମୋ ଗୀତରେ ତାଳି ମାରିବାକୁ, ହେଲେ ସେଠାରେ ଉପସ୍ଥିତ ଶ୍ରୋତାଙ୍କୁ ମୋ ଗୀତଗୁଡ଼ିକ ଏତେ ଭଲ ଲାଗିଲା ଯେ, ସେମାନେ ତାଳି ମାରିବା ସହ ଆଉ ଗୋଟେ ଗୀତ ଆଉ ଗୋଟେ ଗୀତ କହି ବେଶ୍ ଉତ୍ସାହିତ କରୁଥିଲେ ମୋତେ। ମୁଁ ବି ଖୁସିରେ କିଶୋର କୁମାରଙ୍କର ଗୋଟେ ପରେ ଗୋଟେ ହିଟ୍ ଗୀତ ଗାଇ ଚାଲିଥିଲି। ପାଖାପାଖି ୧୪/୧୫ଟି ଗୀତ ମୁଁ ଏକାକୀ ସେଦିନ ଗାଇ ଶ୍ରୋତାଙ୍କୁ ଝୁମେଇ ଦେଇଥିଲି ; ଯାହାକୁ ଦେଖି ଡୋରେମି ମେଲୋଡି ଟିମ୍‌ର ମ୍ୟାନେଜର ବହୁତ ଖୁସି ହୋଇଯାଇଥିଲେ। ଫେରିବାବେଳେ ମୋତେ ଡାକିକି ମୋ ପକେଟ୍‌ରେ ୫୦ଟଙ୍କା ରଖିଦେଲେ ; ଯାହାକି ଥିଲା ମୋ ଜୀବନର ପ୍ରଥମ ପାରିଶ୍ରମିକ। ବେଶ୍ ଖୁସିରେ ଘରକୁ ଯାଇ ଗୋଡ଼ହାତ ଧୋଇ ଶୋଇପଡ଼ିଲି। ଉଠିବା ପରେ ମୋ ମା'କୁ ସବୁକଥା କହି ତାକୁ ୫୦ଟଙ୍କା ଦେବାରୁ ସେ କହିଲା, 'ମୋର ଏ ଟଙ୍କା କ'ଣ ହେବ। ତୋ ରୋଜଗାର ଟଙ୍କା ତୁ ଖର୍ଚ୍ଚ କର। ତୁ ଗୀତରୁ କିଛି ପଇସା ପାଇଲୁ ସେତିକିରେ ମୁଁ ଖୁସି।' ତା'ପରେ ସେ ଟଙ୍କା ନେଇ ସାଙ୍ଗମାନଙ୍କ ପାଖକୁ ଗଲି। ସେତେବେଳେ ଆମେ ସାଙ୍ଗମାନେ ଚାନ୍ଦା କରି ସେଉ ଗାଣ୍ଡିଆ ଖାଉ। ମାତ୍ର ୫ଟଙ୍କାରେ ପେଟପୂରା ସେଉ ଗାଣ୍ଡିଆ ସେବେ ମିଳୁଥିଲା। ତେଣୁ ସେହି ଟଙ୍କାରେ ସାଙ୍ଗଙ୍କୁ ସେଦିନ ପେଟପୂରା ସେଉ ଗାଣ୍ଡିଆ ଖାଇବାକୁ ଦେବା ସହ ଲସି ଟ୍ରିଟ୍ ଦେଇଥିଲି। ତା'ପରଠୁ ଲଗାତାର ମେଲୋଡି ପାର୍ଟିରେ ଗାଇବାକୁ ସୁଯୋଗ ପାଇଲି। କ୍ରମେ ଗୀତକୁ ନେଇ କ୍ୟାରିୟର୍ କରିବାକୁ ନିଜେ ବିଧିବଦ୍ଧ ସଙ୍ଗୀତ ଶିକ୍ଷା ବି କଲି। ସବୁକିଛି ଠିକ୍‌ଠାକ୍ ଚାଲିଥିବାବେଳେ ହଠାତ୍ ଦିନେ ବାବା ମୋ ବିଷୟରେ ସବୁକଥା ଜାଣିଗଲେ। ଗୀତ ନୁହେଁ ବରଂ ପଢ଼ାରେ ଧ୍ୟାନ ଦେବାକୁ ତାଗିଦ କଲେ। ଯେଉଁଥିପାଇଁ ବି.ଏସ୍‌ସି. ପରେ କିଛିଦିନ ଗୋଟେ ସ୍କୁଲ୍‌ରେ ବିଜ୍ଞାନ ଶିକ୍ଷକ, ପରେ ଆଉ ଏକ ସ୍କୁଲ୍‌ରେ ସଙ୍ଗୀତ ଶିକ୍ଷକ ଏବଂ ତା'ପରେ ଏକ କଲେଜରେ ଅଧ୍ୟାପନା କରିଥିଲି। ତା'ସାଙ୍ଗକୁ ନିଜେ ପି.ଜି ବି ପଢୁଥିଲି। କିନ୍ତୁ ଗୀତ ପାଇଁ ମୋ ମନ ସବୁବେଳେ ଛଟପଟ ହେଉଥିଲା। ତେଣୁ ଦିନେ ନିଷ୍ପତ୍ତି ନେଲି ଏସବୁକୁ ଛାଡ଼ି କଟକ ଚାଲିଯିବି ଆଉ ସେଇଠି ମୋର ନୂଆ ଏକ କ୍ୟାରିୟର୍ ଗଢ଼ିବି। ବାସ୍ ସେବେଠୁ କଟକ ଆସିଛି ଆଉ ତା'ର ପରିଣାମ ଏବେ ଆପଣଙ୍କ ସମ୍ମୁଖରେ।

*-ଅନ୍ବିତା*

# କଅଁଳ ଖରାକୁ ଅଳପ ଶୀତ, ମନ ସାଙ୍ଗେ ମନ ବସିଛି ମିତ



**ପ୍ରଶ୍ନ**—ଜଣେ ସୁନ୍ଦରୀ ସହ ମୋର ଭେଟ ହେଲା। ଇତି ମଧ୍ୟରେ ମୁଁ ତାକୁ ଭଲ ପାଇ ବସିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*-ପ୍ରକାଶ, ବଡବିଲ*

**ଉତ୍ତର:** ମନ ଏଭଳି ଏକ ଜିନିଷ କେତେବେଳେ କେଉଁଠି କାହା ସହ ମିଶିଯାଏ ତାହା ଆକଳନ କରିବା କଷ୍ଟକର। ହେଲେ ପ୍ରଥମ ଦେଖାରେ ସେହି ରୂପସୀ ମାୟାରେ ଆପଣ ବାୟା। 'କଅଁଳ ଖରାକୁ ଅଳପ ଶୀତ, ମନ ସାଙ୍ଗେ ମନ ବସିଛି ମିତ।' ଅନ୍ୟପକ୍ଷରେ ଆପଣ ଯାହାକୁ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି। ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**—ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*-ପ୍ରୀତମ ଦାସ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**—ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*-ଦିନେଶ ରାଉତ, ଅନୁଗୋଳ*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଗଲା। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**—ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*-ପ୍ରମୋଦ କୁମାର, ଢେଙ୍କାନାଳ*

**ଉତ୍ତର:** ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି।

# ଚିତ୍ରକର ପ୍ରାଣୀ

**ସୃଜନଶୀଳତା ଯେ କେବଳ ମଣିଷ ଭିତରେ ଥାଏ ଓ କେବଳ ସେ ହିଁ ଯେ, ରଙ୍ଗ ତୂଳୀ ଧରି ଚିତ୍ର କରିପାରେ ତାହା ନୁହେଁ। ମୁହଁ ଖୋଲି ଭାବ ପ୍ରକାଶ କରିପାରୁ ନ ଥିବା ପ୍ରାଣୀମାନେ ବି କରିପାରନ୍ତି ଚିତ୍ର। ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ଏଇ କିଛି ପ୍ରାଣୀମାନେ...**



**ପେଣ୍ଟର୍ ହାତୀ:** ଥାଇଲାଣ୍ଡର 'ଥାଇ ଏଲିଫାଣ୍ଟ କନ୍‌ଜରଭେସନ୍ ସେଣ୍ଟର'ରେ ଅଛନ୍ତି ଅନେକ ଅନାଥ ଓ ଉଦ୍ଧାର ହୋଇଥିବା ହାତୀ। ଏହି ହାତୀଗୁଡିକୁ ଏଠାରେ ଦିଆଯାଏ ଚିତ୍ର କରିବାର ତାଲିମ। ହାତୀଗୁଡିକ ନିଜ ସୁଣ୍ଢରେ ତୂଳୀକୁ ଖୁବ୍ ସୁନ୍ଦର ଭାବେ ଧରି ରଙ୍ଗରେ ବୁଡାଇ କାନ୍‌ଭାସ୍‌ରେ ଚିତ୍ର କରିପାରନ୍ତି। ଗଛ, ଲତା, ପତ୍ର, ଫୁଲ ସହ ହାତୀ ଚିତ୍ର ବି ଏମାନେ ଖୁବ୍ ସୁନ୍ଦରଭାବେ କରନ୍ତି। ଯାହାକୁ ନିଜ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିବେ ନାହିଁ। ସୁଦା ନାମକ ଏକ ହାତୀ ଛୁଆ ତ ସୁନ୍ଦର ଗଛର ଚିତ୍ର ସହ ହାତୀ ଚିତ୍ର କରିବା ପରେ ନିଜ ନାମ ଇଂରାଜୀରେ ଲେଖି ଭାରି ଖୁସି ହେଉଥିବାର ଭିଡ଼ିଓ ଅନେକଙ୍କ ମନ ଜିଣି ନେଇଥିଲା।


**ପେଣ୍ଟର୍ ଘୋଡ଼ା:** ମେଟ୍ରୋ ମିଟିଓର ଏକ ଟପ୍ କ୍ଲାସ୍ ରେସ୍ ହର୍ସ। ହେଲେ ଥରେ ରେସ୍ ଟ୍ରାକ୍‌ରେ ତା' ଆଣ୍ଠୁରେ ଖୁବ୍ ଜୋର୍‌ରେ ଆଘାତ ଲାଗିଲା। ଫଳରେ ସେ ଆଉ ରେସିଂ କରିପାରିଲା ନାହିଁ। ତାକୁ କଳାକାର ରନ୍ କାଜ୍ୟୁସ୍କି ଓ ତାଙ୍କ ସ୍ତ୍ରୀ ୱେଣ୍ଡି ପୋଷ୍ୟଭାବେ ଗ୍ରହଣ କଲେ। ଡାକ୍ତର କହିଲେ ମେଟ୍ରୋ ବେଶି ବର୍ଷ ବଞ୍ଚିବ ନାହିଁ। ତେଣୁ ମାଲିକ ରନ୍ ତାକୁ ଯେତେ ସମ୍ଭବ ଖୁସିରେ ରଖିବାକୁ ଚାହିଁଲେ। ସେ ଲକ୍ଷ୍ୟ କଲେ ମେଟ୍ରୋ ତା' ମୁଣ୍ଡକୁ ଉପର ତଳ ଓ ଦୁଇ ପାର୍ଶ୍ୱକୁ ଖୁବ୍ ଭଲ ଭାବେ ହଲାଉଛି। ଭାବିଲେ ମେଟ୍ରୋ ଭଲ ପେଣ୍ଟିଂ କରିପାରିବ। ତେଣୁ ତା' ପାଟିରେ ତୁଳୀ ଧରେଇ ତାକୁ ରଙ୍ଗରେ ବୁଡାଇ କାନ୍‌ଭାସ୍ ଉପରେ ଆଙ୍କିବା ଶିଖାଇଲେ। ସତକୁ ସତ ମେଟ୍ରୋ ପେଣ୍ଟିଂ କରିବାକୁ ଭଲ ପାଇଲା। ଅନେକ ସୁନ୍ଦର ସୁନ୍ଦର ପେଣ୍ଟିଂ ତିଆରି କଲା। ଏମିତିକି ମେଟ୍ରୋର ପେଣ୍ଟିଂ ପେନସିଲଭାନିଆ, ଗେଟିସ୍‌ବର୍ଗସ୍ଥ ଗ୍ୟାଲେରୀ ୩୦ରେ ପ୍ରଦର୍ଶିତ ହେଲା। ଆଉ ତା'ର ପେଣ୍ଟିଂ ବହୁତ ଦାମରେ ବିକ୍ରି ମଧ୍ୟ ହେଲା। ଫଳରେ ସେ ବେଷ୍ଟ ସେଲିଂ ଆର୍ଟିଷ୍ଟ ପାଲଟିଗଲା। ଯେଉଁ ଟଙ୍କା ପେଣ୍ଟିଂରୁ ମିଳିଲା ତାକୁ ମାଲିକ ରନ୍ ମେଟ୍ରୋର ଆଣ୍ଠୁ ଉପଚାରରେ ଖର୍ଚ୍ଚ କଲେ। ଏବେ ମେଟ୍ରୋ ସମ୍ପୂର୍ଣ୍ଣ ସୁସ୍ଥ। ପେଣ୍ଟିଂ କରି ଅନେକ ଟଙ୍କା ରୋଜଗାର କରୁଛି।





**ପେଣ୍ଟର୍ ଗଣ୍ଡା:** ଆମେରିକାର 'ଡେନଭର୍ ଜୁ'ରେ ଥିଲା ସିଣ୍ଡି ନାମକ ଏକ କଳା ଗଣ୍ଡା। ଗଣ୍ଡାଟି ତା' ପାଟିରେ ବ୍ରଶ୍ ଧରି ସୁନ୍ଦର ସୁନ୍ଦର ଅବଷ୍ଟ୍ରାକ୍ଟ ପେଣ୍ଟିଂ କରୁଥିଲା। ଗଣ୍ଡାଟିର ଯତ୍ନ ନେଉଥିବା କିପର୍ କ୍ରିଷ୍ଟିନ୍ ବୋବକୋ ତାକୁ ଏହି ଚିତ୍ର କରିବାର କଳା ଶିଖେଇଥିଲେ। ସିଣ୍ଡିର ପେଣ୍ଟିଂଗୁଡିକ ବି ବିକ୍ରି ହେଉଥିଲା। ଚିଡ଼ିଆଖାନା କର୍ତ୍ତୃପକ୍ଷ ସେହି ଟଙ୍କାକୁ ଚିଡ଼ିଆଖାନାର ପ୍ରାଣୀଙ୍କ ପାଇଁ ଖର୍ଚ୍ଚ କରୁଥିଲେ। ଏହାବାଦ କ୍ରିଷ୍ଟିନ୍‌ଙ୍କ ତାଲିମ୍‌ରେ ସିଣ୍ଡି ବାଡି ଫୋପାଡିଲେ ତାକୁ ଦୌଡି ଯାଇ ଆଣିବା, କମାଣ୍ଡ ଦେବାମାତ୍ରେ ବସିବା ଆଦି ବି କରୁଥିଲା। ତେବେ ବୟସ ବଢିବା ସହ ସିଣ୍ଡିର ଗୋଡରେ ସମସ୍ୟା ଓ ବାର୍ଦ୍ଧକ୍ୟ ଜନିତ ରୋଗ ହେଲା। ଆଉ ୨୧ ବର୍ଷ ବୟସରେ ସେ ମୃତ୍ୟୁବରଣ କଲା।






**ପେଣ୍ଟର୍ କୁକୁର:** ଡାଗର୍ ନାମକ ଏହି କୁକୁରଟି 'ଡାଗର୍ ଡଗ୍‌ଭିନ୍ସି' ନାମରେ ବେଶ୍ ପରିଚିତ। ସେ ଏକ ଉଚ୍ଚ ତାଲିମପ୍ରାପ୍ତ କୁକୁର। ସେ କ୍ୟାନାଇନ୍ କମ୍ପାନିଅନସ୍ ଫର୍ ଇଣ୍ଡିପେଣ୍ଡେନ୍ସରେ ଆସିଷ୍ଟାଣ୍ଟ ଡ଼ଗ୍ ଭାବେ କାମ କରିବା ଲାଗି ତାଲିମ ପାଇଥିଲା। ହେଲେ ତା'ର କିଛି ଛୋଟ ମୋଟ ଭୟ ଥିବାରୁ ସେ ଏହି କାମ ପାଇଁ ଚୟନ ହୋଇପାରି ନ ଥିଲା। ପରେ ଡାଗର୍‌କୁ ଚିତ୍ରକର ୟୋନେ ଡାଗର୍ ପୋଷ୍ୟଭାବେ ଗ୍ରହଣ କଲେ। ୟୋନେ ତାଙ୍କ ଷ୍ଟୁଡିଓରେ ଚିତ୍ର କରିବା ସମୟରେ ଡାଗର୍ ନିରୀକ୍ଷଣ କରି ଦେଖୁଥିଲା। ଏହା ଦେଖି ୟୋନେ ଦିନେ ଡାଗର୍ ପାଟିରେ ଏକ ପେଣ୍ଟ ବ୍ରଶ୍ ରଖିଦେଲେ। ଆଉ ଡାଗର୍ ଖୁବ୍ ଖୁସିରେ ତୁଳୀକୁ ରଙ୍ଗରେ ବୁଡାଇ କାନ୍‌ଭାସ୍‌ରେ ଚିତ୍ର ଆଙ୍କିବାକୁ ଲାଗିଲା। କାରଣ ତା'ର ନିରୀକ୍ଷଣ ଶକ୍ତି ବହୁତ ଥିଲା ଏବଂ ୟୋନେ ଚିତ୍ର କଲାବେଳେ ମନଧ୍ୟାନ ଦେଇ ଦେଖୁଥିଲା। ଏବେ ତ ଡାଗର୍‌ର ଶତାଧିକ ପେଣ୍ଟିଂ ବିକ୍ରି ହୋଇ୧୦,୦୦୦ଡଲାରରୁ ଅଧିକ ଆୟ ହୋଇସାରିଲାଣି। ଡାଗର୍‌ର ଚିତ୍ର କରିବା ଏବେବି ଜାରି ରହିଛି। ପେଣ୍ଟିଂ କରିବା ବାଦ ସେ ଏକ ଥେରାପୀ ଡଗ୍ ମଧ୍ୟ।

**ପେଣ୍ଟର୍ ସି' ଲାୟନ:** ଆମେରିକା, ଓରେଗନ୍‌ସ୍ଥ ନ୍ୟୁପୋର୍ଟରେ ଥିବା ଓରେଗନ କୋଷ୍ଟ ଆକ୍ୱାରିୟମ୍‌ରେ ଜେନ ଡିଗ୍ରୁଟ୍ ସ୍ତନ୍ୟପାୟୀ ପ୍ରାଣୀ ବିଜ୍ଞାନୀ ଭାବେ କାମ କରନ୍ତି। ସେ ଉକ୍ତ ଆକ୍ୱାରିୟମ୍‌ର ଲି' ଓ ମାକ୍ସ ନାମକ ଦୁଇଟି ସି' ଲାୟନକୁ ଖାଲି ସମୟରେ ବୋର୍ ନ ହେବା ଲାଗି ଚିତ୍ର କରିବାର ତାଲିମ ଦେଇଥିଲେ। ସେମାନେ ଏହି କଳାକୁ ବେଶ୍ ଭଲଭାବେ ଶିଖିବା ସହ ଅନେକ ପେଣ୍ଟିଂ ତିଆରି କଲେ। ତାଙ୍କ ପେଣ୍ଟିଂ ବି ବିକ୍ରି ହୋଇଛି। ଏହାବାଦ ତାଙ୍କ ଉପରେ 'ଫର୍ ଇନ୍ ମାଇଁ ପେଣ୍ଟ' ନାମକ ଏକ ପୁସ୍ତକ ମଧ୍ୟ ରଚନା କରାଯାଇଛି।



**ପେଣ୍ଟର୍ ହ୍ୱେଲ:** ଜାପାନ, ୟୋକୋହାମାସ୍ଥ ହାକେଇଜିମା ସି' ପାରାଡାଇଜ୍ ଆକ୍ୱାରିୟମ୍‌ରେ ଥିବା କିଛି ଧଳାରଙ୍ଗର ହ୍ୱେଲ କରୁଥିବା ସୁନ୍ଦର ସୁନ୍ଦର ଚିତ୍ର ପ୍ରମାଣ କରେ ଯେ ହ୍ୱେଲମାନେ ବି ଚିତ୍ର କରିବାରେ ପଛରେ ନାହାନ୍ତି। ପାଟିରେ ଏକ ସ୍ୱତନ୍ତ୍ରଧରଣର ପେଣ୍ଟ ବ୍ରଶ ଧରି ଏମାନେ ପାଣି ଭିତରେ ଥାଇ କାନ୍‌ଭାସ୍ ଉପରେ ଆଙ୍କୁଛନ୍ତି ରଙ୍ଗବିରଙ୍ଗର ଅନେକ ପେଣ୍ଟିଂ। ଏମିତିକି ଏହି ହ୍ୱେଲମାନେ ସେଠାକୁ ଆସୁଥିବା ଲୋକ କରୁଥିବା ଚିତ୍ରର ନକଲ କରି ବି ଚିତ୍ର ଆଙ୍କିପାରନ୍ତି। ଯାହାକି କିଛି କମ୍ ଆଶ୍ଚର୍ଯ୍ୟର କଥା ନୁହେଁ।



ଅନ୍ବେଷା

## ହାଃ ହାଃ

### ନୂଆ ସାର୍ଟ

କର୍ମଚାରୀ ନୂଆ ସାର୍ଟ ପିନ୍ଧିକି ଆସିବା ଦିନ
ମାଲିକ: ଓ୍ବାଃ.. ନୂଆ ସାର୍ଟ...
କର୍ମଚାରୀ: ଧନ୍ୟବାଦ।
ମାଲିକ: କେବେ କିଣିଲ ? କେତେ ଟଙ୍କା ପଡିଲା ?
କର୍ମଚାରୀ: କିଣିନି, ମୋ ଭାଇ ଗିଫ୍ଟ ଦେଇଛି।
ମାଲିକ: ଓଃ..ଆଚ୍ଛା..। ମତେ ଲାଗିଲା ମୁଁ ତମକୁ ବେଶି ଦରମା ଦେଉଛି ବୋଧେ।

### ସ୍କୁଲ

କଂସେଇ ଛେଳିକୁ ଟାଣି ଟାଣି କାଟିବାକୁ ନେଉଥାଏ। ସେଥିପାଇଁ ଛେଳି ମେଁ ମେଁ କରି ଜୋର୍‌ରେ ରଡି କରୁଥାଏ।
ଏହା ଦେଖି ପିଣ୍ଟୁ: ଅଙ୍କଲ, ଆପଣଙ୍କ ଛେଳି ଏମିତି ରଡି କାହିଁକି କରୁଛି ?
କଂସେଇ: ତାକୁ କାଟିବାକୁ ନେଉଛି ତ ସେଥିପାଇଁ।
ପିଣ୍ଟୁ: ଓଃ...। ମୁଁ ଭାବିଲି ତମେ ତାକୁ ଜବରଦସ୍ତୀ ସ୍କୁଲ ନେଇକି ଯାଉଛ।

### କୋମା

ଗାଁର ଦୁଇ ମହିଳା କଥା ହେଉଥାନ୍ତି।
ପ୍ରଥମ ମହିଳା: ଜାଣିଛୁ, ଆମ ଗାଁର ସରପଞ୍ଚ କୋମାକୁ ଚାଲି ଯାଇଛନ୍ତି।
ଦ୍ୱିତୀୟ ମହିଳା: ହଁ ଭଉଣୀ, ଯିବେନି କାହିଁକି ? ଟଙ୍କା ଥିଲେ ପରା ମଣିଷ ୟୁଆଡ଼େ ଚାହିଁବେ ଯାଇପାରିବେ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫଟୋ:କମଲ ଫଟୋଗ୍ରାଫୀ

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





# କନଓ୍ୱାର୍ ହ୍ରଦ ପକ୍ଷୀ ଅଭୟାରଣ୍ୟ





**ବିହାରର ବେଗୁସରାଇ ଜିଲାରେ ଏହି କନଓ୍ୱାର୍ ହ୍ରଦ ପକ୍ଷୀ ଅଭୟାରଣ୍ୟ ଅବସ୍ଥିତ। ଏହା ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟଟିର ଶାନ୍ତ ପରିବେଶ ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଉପଯୁକ୍ତ ସ୍ଥାନ। ତା'ଛଡ଼ା ଏଠାରେ ଜାତିଜାତିକା ପକ୍ଷୀ ଦେଖିବାକୁ ମିଳୁଥିବାରୁ ପକ୍ଷୀପ୍ରେମୀଙ୍କର ବି ଏଠି ବେଶ୍ ଭିଡ଼ ଜମେ ...**



### କ'ଣ ଦେଖିବେ


ବିହାରର ବେଗୁସରାଇ ଜିଲାରେ ଥିବା ଏହି ପକ୍ଷୀ ଅଭୟାରଣ୍ୟଟି ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ; ଯାହାକି କନଓ୍ୱାର ନାମକ ଏକ ହ୍ରଦ ନିକଟରେ ଗଢି ଉଠିଛି। ସେଥିପାଇଁ ଏହାର ଏପରି ନାମକରଣ ହୋଇଥିବା ବିଶ୍ୱାସ କରାଯାଏ। ପ୍ରାୟ ୬୭.୫ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳରେ ଗଢିଉଠିଥିବା ଏହି ଅଭୟାରଣ୍ୟଟିରେ ପର୍ଯ୍ୟଟକ ନାନା ପ୍ରଜାତିର ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ଖାସ୍ ଏହି ହ୍ରଦର ଜଳ ପକ୍ଷୀମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ। ସେଥିପାଇଁ ଶୀତଦିନେ ଦୂର ଦୂରରୁ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀ ଏଠାକୁ ଉଡି ଆସିଥାନ୍ତି। ତଥ୍ୟ ଅନୁଯାୟୀ, ଏଠାରେ କୁଆଡ଼େ ୨୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ଆଉ ଶୀତଦିନେ ୫୦ରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳେ। କେବଳ ପକ୍ଷୀ କାହିଁକି, ଏଠାରେ ପ୍ରାୟ ୧୬୫ କିସମର ବୃକ୍ଷଲତା ତଥା ଅନ୍ୟାନ୍ୟ କେତେକ ବିରଳ ପଶୁଙ୍କୁ ବି ଦେଖିହୁଏ। ଏଠାରେ ଦେଖିବାକୁ ମିଳୁଥିବା କେତୋଟି ପ୍ରମୁଖ ପକ୍ଷୀ ହେଲେ ରେଡ୍ ହେଡେଡ୍ ଭଲଚର୍, ହ୍ୱାଇଟ୍ ରମ୍ପଡ୍ ଭଲଚର୍, ଇଣ୍ଡିଆନ୍ ଭଲଚର୍, କେତେକ ଓ୍ୱାଟର୍ ବାର୍ଡ ଇତ୍ୟାଦି। ତା'ଛଡ଼ା ଉକ୍ତ ଅଭୟାରଣ୍ୟଠାରୁ କିଛି ଦୂରରେ ରହିଛି ଶସ୍ୟକ୍ଷେତ ; ଯେଉଁଠାରୁ ଏଠାକାର ପକ୍ଷୀମାନଙ୍କୁ ଖାଦ୍ୟ ଆରାମରେ ମିଳିଯାଇଥାଏ। ସେଥିପାଇଁ ଏତେ ସଂଖ୍ୟାରେ ପକ୍ଷୀ ଏଠାକୁ ଆସୁଥିବାର ଏହା ଏକ ପ୍ରମୁଖ କାରଣ ବୋଲି କୁହାଯାଏ। ତେଣୁ କେବଳ ପ୍ରକୃତିପ୍ରେମୀ ନୁହନ୍ତି, ପକ୍ଷୀପ୍ରେମୀଙ୍କ ପାଇଁ ମଧ୍ୟ ଏହା ଏକ ସ୍ୱର୍ଗୀୟ ସ୍ଥାନ।

### କେବେ ଯିବେ

ଏହି ଅଭୟାରଣ୍ୟକୁ ଯିବା ପାଇଁ ନଭେମ୍ବରରୁ ମାର୍ଚ୍ଚ ହେଉଛି ଉପଯୁକ୍ତ ସମୟ। କାରଣ ଏହି ସମୟରେ ବହୁ ସଂଖ୍ୟାରେ ପକ୍ଷୀଙ୍କୁ ଏକତ୍ର ଦେଖିବାକୁ ସୁବିଧା ହୋଇଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି। ପର୍ଯ୍ୟଟକ ଏଠାକୁ ବସ୍, ଟ୍ରେନ୍ ହେଉ ଅଥବା ବିମାନ ଯୋଗେ ବି ଆରାମରେ ଯାଇପାରିବେ।

### ଜାଣିବା କଥା

ଏହି ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକଙ୍କୁ ଅନୁମତି ନେଇ ଯିବା ଆବଶ୍ୟକ। ଏଠାରେ ପର୍ଯ୍ୟଟକ ବୁଲି ଦେଖିବା ପାଇଁ ସ୍ୱତନ୍ତ୍ର ଡଙ୍ଗାର ମଧ୍ୟ ସୁବିଧା ରହିଛି। ଫଟୋଗ୍ରାଫି ପାଇଁ ବି ଏଠାରେ ଅନେକ ବ୍ୟବସ୍ଥା ଅଛି। ମାଛ ଧରିବା ପାଇଁ ପସନ୍ଦ କରୁଥିବା ବ୍ୟକ୍ତିଙ୍କୁ ବି ଏଠାରେ ମାଛ ଧରିବା ପାଇଁ ସ୍ୱତନ୍ତ୍ର ଅନୁମତି ଦିଆଯାଇଥାଏ। ସବୁଠୁ ବଡ଼ କଥା ହେଉଛି ଏଠାରେ ଥିବା ପଶୁପକ୍ଷୀ ତଥା ବୃକ୍ଷଲତାର ଯେମିତି କେହି କିଛି କ୍ଷତି ନ କରିପାରନ୍ତି ସେଥିପାଇଁ ଏଠାରେ କଡ଼ା ବ୍ୟବସ୍ଥା କରାଯାଇଥାଏ। ତେଣୁ ପର୍ଯ୍ୟଟକଙ୍କୁ ଏଥିପ୍ରତି ସତର୍କ ରହିବା ନିହାତି ଆବଶ୍ୟକ।




# କୁତୁକୁତୁ ଲାଗେ କାହିଁକି



**କୁତୁକୁତୁ ସମସ୍ତଙ୍କୁ ଲାଗେ। କାହାକୁ ବେଶି ତ କାହାକୁ କମ୍ ଲାଗେ। ତେବେ ଅନୁଭବ କରିଥିବେ ଯଦି ନିଜେ ନିଜକୁ କୁତୁକୁତୁ କରିବାକୁ ଚେଷ୍ଟା କରନ୍ତି ତେବେ କୁତୁକୁତୁ ଲାଗେ ନାହିଁ। କିନ୍ତୁ ଅନ୍ୟ କେହି କଲେ ଏତେ କୁତୁକୁତୁ ଲାଗେ ଯେ, ହସି ହସି ବେଦମ୍ ହେଇ ଯାଆନ୍ତି। ହେଲେ ଏମିତି କାହିଁକି ହୁଏ କେବେ ଭାବିଛନ୍ତି? ଏଥର ଜାଣିବା ସେ ସମ୍ପର୍କରେ..**

ସାଙ୍ଗସାଥୀ, ଭାଇଭଉଣୀ ମଜାମସ୍ତିରେ କୁତୁକୁତୁ କରିଥାନ୍ତି। ହେଲେ ଯଦି କେବେ ନିଜେ ନିଜକୁ କରନ୍ତି କୁତୁକୁତୁ ଜମା ଲାଗେନା। ଏମିତି କାହିଁକି ହୁଏ ଏହାକୁ ନେଇ ଅନେକ ଗବେଷଣା ହୋଇଛି। ଏହି ଅଧ୍ୟୟନଗୁଡିକରେ ଜାଣିବାକୁ ଚେଷ୍ଟା କରାଯାଇଛି ଯେ, ନିଜେ ନିଜକୁ ଓ ଅନ୍ୟ କେହି କୁତୁକୁତୁ କଲେ ମସ୍ତିସ୍କ ଉପରେ କ'ଣ ପ୍ରଭାବ ପଡ଼ିଥାଏ। ଆଉ ତାହା କେଉଁଭଳି ପ୍ରତିକ୍ରିୟା ସୃଷ୍ଟି କରେ। ଆଉ ଜଣାପଡ଼ିଛି ଯେ, ଅନ୍ୟ କେହି କୁତୁକୁତୁ କଲେ ସଙ୍ଗେ ସଙ୍ଗେ କୁତୁକୁତୁ ଲାଗିବା ପଛରେ ମଣିଷର ମସ୍ତିସ୍କ ଦାୟୀ। ୟୁନିଭର୍ସିଟି ଅଫ୍ ଲଣ୍ଡନର ସାରା ଜୈନ ବ୍ଲାକମୋର ଏହା ଉପରେ ଅଧ୍ୟୟନ କରି ଜାଣିବାକୁ ପାଇଛନ୍ତି ଯେ, ମସ୍ତିସ୍କ ନିଜର ଓ ଅନ୍ୟ ହାତର ଅନ୍ତର ବିଷୟରେ ଧ୍ୱନିର ଗତି ସହ ନିଷ୍ପତ୍ତି ନେଇଥାଏ। କୁତୁକୁତୁର ଅନୁଭବ ସାଧାରଣତଃ ମସ୍ତିଷ୍କର ଦୁଇ ଭାଗ ସକ୍ରିୟ ହେବାଦ୍ୱାରା ହୋଇଥାଏ। ଯେବେ କେହି ଆମକୁ ସ୍ୱର୍ଶ କରନ୍ତି ଆମ ଉପର ଚର୍ମର ତଳଭାଗରେ ଥିବା ସୂକ୍ଷ୍ମ ଶୀରାର ଶେଷଭାଗ ବା ଏପିଡର୍ମିଗୁଡ଼ିକ ମସ୍ତିସ୍କକୁ ବୈଦ୍ୟୁତିକ ସିଗ୍ନାଲ ପଠାଇଥାଏ। ସୋମାଟୋସେନ୍ସେରୀ କୋର୍ଟେକ୍ସ ସିଗ୍ନାଲକୁ ଗ୍ରହଣ କରେ, ଆଉ ଆଣ୍ଟେରିୟର ସିଙ୍ଗୁଲେଟେଡ କର୍ଟେକ୍ସ ସିଗ୍ନାଲକୁ ବିଶ୍ଳେଷଣ କରେ। ସୋମେଟୋସେନ୍ସରୀ କାର୍ଟେକ୍ସ ସ୍ୱର୍ଶକୁ ବୁଝେ। ଆଉ ଆଣ୍ଟେରିୟର ସିଙ୍ଗୁଲେଟ କାର୍ଟେକ୍ସ, ଖୁସି ଓ ଅନ୍ୟ କିଛି ମଜାଦାର ଅନୁଭବକୁ ଚିହ୍ନେ। ଯେବେ ଆମେ ନିଜେ ନିଜକୁ କୁତୁକୁତୁ କରିବାକୁ ଚେଷ୍ଟା କରୁ ମସ୍ତିଷ୍କର ପଛଭାଗରେ ଥିବା ସେରିବେଲମ ଆଗୁଆ ଏହାକୁ ଠଉରେଇନିଏ। ଆଉ କାର୍ଟେକ୍ସକୁ ଏହା ସମ୍ପର୍କରେ ସଙ୍କେତ ପଠାଏ। ଏମିତିରେ କୁତୁକୁତୁ ପାଇଁ କାର୍ଟେକ୍ସ ଆଗୁଆ ସଚେତନ ହୋଇଯାଏ। ମସ୍ତିଷ୍କ ଜାଣିଯାଏ ଯେ ନିଜେ କୁତୁକୁତୁ କଲେ କିଛି କ୍ଷତି ହେବ ନାହିଁ। ସେଥିପାଇଁ ସତର୍କ ହୁଏନା। ଆଉ ସେନ୍ସରୀ ଅର୍ଗାନ କିଛି ପ୍ରତିକ୍ରିୟା ଦିଏ ନାହିଁ; ଯଦ୍ଦ୍ୱାରା ଆମେ ନିଜେ କଲେ କୁତୁକୁତୁ ଲାଗେ ନାହିଁ। ଅନ୍ୟପକ୍ଷେ ଅନ୍ୟ କେହି କୁତୁକୁତୁ କଲେ ଆମ ମସ୍ତିଷ୍କ ତୁରନ୍ତ ଆଲର୍ଟ ବା ସତର୍କ ହୋଇଯାଏ ଓ ପ୍ରତିକ୍ରିୟା ହସ ଓ ହସ ରୋକିବା ପ୍ରୟାସରେ ଦେଖାଯାଏ।

**କୁତୁକୁତୁର ପ୍ରକାର:** ବୈଜ୍ଞାନିକଙ୍କ ମତରେ କୁତୁକୁତୁ ଦୁଇ ପ୍ରକାରର। ପ୍ରଥମ ହେଉଛି ନିସମେସିସ୍, ଯେଉଁଥିରେ ଶରୀରକୁ ହାଲ୍କା ସ୍ୱର୍ଶ କଲେ ସେହି ସ୍ଥାନର ପତଳା ଚର୍ମ ପରସ୍ତ ତଥା ଏପିଡର୍ମିସରେ ଥିବା ଶୀରା ମସ୍ତିଷ୍କକୁ ଖବର ପଠାଇଥାଏ। ଫଳରେ ଆମକୁ ହାଲ୍କା କୁଣ୍ଡାଇ ହେବାପରି ଅନୁଭୂତ ହୁଏ। ଅନ୍ୟଟି ହେଉଛି ଗାର୍ଗାଲେସିସ୍, ଯେଉଁଥିରେ ପେଟ, ବେକ, କାଖକୁ ଛୁଇଁଲେ ଆମେ ଖୁବ୍ ଜୋର୍‌ରେ ହସିଥାଉ। ବୈଜ୍ଞାନିକ କହନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ଭିନ୍ନ ଭିନ୍ନ ଭାଗ ସମ୍ବେଦନଶୀଳ ହୋଇଥାଏ। ତେବେ ଖାସ୍‌କରି ଏମିତି ସ୍ଥାନରେ ବେଶି କୁତୁକୁତୁ ଲାଗେ, ଯେଉଁ ସ୍ଥାନ ହାଡ଼ଦ୍ୱାରା କମ୍ ଘେରେଇ ହୋଇ ରହିଥାଏ। ଯେମିତି କି ପେଟ ଓ ତଳିପାଦ।

**ଦଣ୍ଡ ଥିଲା କୁତୁକୁତୁ:** ଆମେ ଜାଣୁ ଯେ, ସାଙ୍ଗସାଥୀ, ପରିବାରର ପ୍ରିୟ ସଦସ୍ୟଙ୍କୁ ମଜାମସ୍ତିରେ କୁତୁକୁତୁ କରାଯାଇଥାଏ। ହେଲେ ପୂର୍ବେ କୁତୁକୁତୁକୁ ଦଣ୍ଡଭାବେ ବି ବ୍ୟବହାର କରାଯାଉଥିଲା। ବ୍ରିଟିଶ ମେଡିକାଲ ଜର୍ନାଲରେ ଛପାଯାଇଥିବା ଏକ ଆଲେଖ୍ୟ ଅନୁସାରେ ଚାଇନାର ହାନ ଶାସକଙ୍କ ଶାସନ କାଳରେ ବଡ଼ ବଡ଼ ପଦବୀରେ ଥିବା ବ୍ୟକ୍ତିଙ୍କ ଛୋଟମୋଟ ଭୁଲ ପାଇଁ 'ଚାଇନିଜ ଟିକଲ୍' ଉପାୟରେ ଅର୍ଥାତ୍ କୁତୁକୁତୁ କରି ଦଣ୍ଡ ଦିଆଯାଉଥିଲା। ସେମାନଙ୍କୁ ସେ ପର୍ଯ୍ୟନ୍ତ କତୁକୁତୁ କରାଯାଉଥିଲା ଯେପର୍ଯ୍ୟନ୍ତ ସେମାନେ ହସି ହସି ଅଣନିଃଶ୍ୱାସୀ ନ ହୋଇଛନ୍ତି। ପ୍ରାଚୀନ ରୋମରେ ବି କୁତୁକୁତୁ ଦଣ୍ଡ ଥିଲା, ଯାହାକି ବହୁତ କଷ୍ଟଦାୟକ ଥିଲା। ଏଥିରେ ଦୋଷୀର ପାଦକୁ ଲୁଣ ପାଣିରେ ଧୁଆ ଯାଉଥିଲା ଓ ପାଦକୁ ଛେଳି ଦ୍ୱାରା ଚଟାଇ ସଫା କରାଯାଉଥିଲା। ଛେଳି ସେ ପର୍ଯ୍ୟନ୍ତ ପାଦ ଚାଟୁଥିଲା ଯେ ପର୍ଯ୍ୟନ୍ତ ପାଦ ଖଣ୍ଡିଆ ନ ହୁଏ। ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ଏକ ନାଜି କ୍ୟାମ୍ପରେ ଜର୍ମାନୀ ସେନା, ଲୋକଙ୍କୁ ସେ ପର୍ଯ୍ୟନ୍ତ କୁତୁକୁତୁ ଦଣ୍ଡ ଦେଉଥିଲା ଯେ ପର୍ଯ୍ୟନ୍ତ ସେମାନଙ୍କର ମୃତ୍ୟୁ ନ ହୋଇଛି। ଜାପାନରେ ବି ପୂର୍ବେ କ୍ରିମିନାଲ କୋଡ୍ ଅନ୍ତର୍ଭୁକ୍ତ ହେଉ ନ ଥିବା ଭୁଲ୍ ପାଇଁ ମଧ୍ୟ 'ମର୍ସିଲେସ୍ ଟିକଲିଂ'ର ଦଣ୍ଡ ଦିଆଯାଉଥିଲା।





# ଉଡନ୍ତା ହେଲିକପ୍ଟରରୁ ଝୁଲି କଲେ ପୁଲ୍ ଅପ୍



ୱାର୍କ ଆଉଟ୍ କରୁଥିବା ବ୍ୟକ୍ତି ଜାଣନ୍ତି ପୁଲ୍ ଅପ୍ କରିବା କେତେ କଷ୍ଟକର। ଦୁଇ ହାତରେ କୌଣସି ସ୍ଥାନରୁ ଝୁଲି ନିଜ ଶରୀରର ଭାରକୁ ନିଜ ହାତରେ ଟେକି ଉପରକୁ ଉଠିବା, ଦେଖିବାକୁ ସହଜ ଲାଗିପାରେ। ହେଲେ ଏହା କେତେ ଯେ କଷ୍ଟ ଯିଏ କରିଛି ସେ ଜାଣିଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି ଏହି ପୁଲ୍ ଅପ୍‌ସ ଉଡ଼ନ୍ତା ହେଲି କପ୍ଟରରୁ ଝୁଲି ରହି କରିଛନ୍ତି। ସେ ହେଉଛନ୍ତି ଆର୍ମେନିଆର ହମାଜାସ୍ପ ଲୋୟାନ। ଏଭଳି କରିବା ଯେତିକି କଷ୍ଟକର ଥିଲା ସେତିକି ବିପଜ୍ଜନକ ମଧ୍ୟ ଥିଲା। ହେଲିକପ୍ଟର ଉଡ଼ୁଥିବା ସମୟରେ ସେ ତା'ର ସ୍କିଡସ୍‌କୁ ଧରି ଝୁଲି ରହି ଗୋଟେ ମିନିଟ୍‌ରେ ୩୨ଥର ପୁଲ୍ ଅପ୍ସ କରିଥିଲେ। ଆଉ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ।

# ବାର୍ଡ ଆମ୍ବୁଲାନ୍ସ

ଚଣ୍ଡିଗଡର ମଞ୍ଜିତ ସିଂ ପ୍ରତିଦିନ ନିଜ ସାଇକେଲ ଧରି ବାହାରି ପଡ଼ନ୍ତି ବିଭିନ୍ନ ଜାଗାରେ ପରିତ୍ୟକ୍ତଭାବେ ପଡ଼ି ରହିଥିବା ଆହତ, ରୁଗ୍ଣ ପକ୍ଷୀଙ୍କୁ ଉଦ୍ଧାର କରି ତାଙ୍କର ଚିକିତ୍ସା କରିବା ପାଇଁ। ତା'ସହ ଏଠିସେଠି ପଡି ରହିଥିବା ପକ୍ଷୀଙ୍କ ମୃତ ଦେହକୁ ଉଠାଇ ଆଣି ସେ ତାକୁ ସମ୍ମାନର ସହ ପୋତିଥାନ୍ତି। ଦୀର୍ଘ ବର୍ଷ ଧରି ସେ ଏହି କାମ କରିଆସୁଛନ୍ତି। ସେ ତାଙ୍କ ସାଇକେଲର ନାଁ ଦେଇଛନ୍ତି 'ବାର୍ଡ ଆମ୍ବୁଲାନ୍ସ'। ଏହି ସାଇକେଲ ସାହାଯ୍ୟରେ ସେ ପାଖାପାଖି ୧୨୦୦ ଆହତ ଚଢେଇଙ୍କୁ ଉଦ୍ଧାର କରି ଉପଯୁକ୍ତ ଚିକିତ୍ସା ଦେଇ ଭଲ କରିଛନ୍ତି। ଏହାବାଦ ୧୩୦୦ରୁ ଉର୍ଦ୍ଧ୍ୱ ଚଢେଇଙ୍କ ମୃତ ଶରୀରକୁ ବିଭିନ୍ନ ସ୍ଥାନରୁ ଉଠାଇ ଆଣି ପୋତିଛନ୍ତି। ତେବେ ତାଙ୍କ ମନରେ ଏଭଳି ବାର୍ଡ ଆମ୍ବୁଲାନ୍ସ କରିବା ପଛରେ ଥିଲା ଏକ ରୋଚକ କଥା। ସେ ପୂର୍ବରୁ ଜଣେ ଡ୍ରଇଂ ଟିଚର ଥିଲେ। ଥରେ ସେ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ରଙ୍କୁ ଚଣ୍ଡିଗଡର ଇଣ୍ଡିଆନ ଆର୍ମି କ୍ୟାମ୍ପକୁ ନେଇଥିଲେ। ରାତିରେ ଖାଇସାରିବା ପରେ ସେ ଦେଖିଲେ ସେଠାକାର ଝାଡୁଦାର ଏକ ମୃତ ପାରାକୁ ଝାଡୁକରି ନେଇ ତାକୁ ଡଷ୍ଟବିନ୍‌ରେ ପକାଇଦେଲେ। ସେହି ଝାଡୁଦାରକୁ ମଞ୍ଜିତ ପଚାରିଲେ ପାରାଟିକୁ ଡଷ୍ଟବିନ୍‌ରେ କାହିଁକି ଫିଙ୍ଗିଲ? ଆଉ ଏ ପାରାଟି ମଲା କେମିତି?। ଝାଡୁଦାର କହିଲେ ବିଦ୍ୟୁତ



ଝଟ୍‌କାରେ ପାରାଟି ମରିଥିଲା। ପରଦିନ କ୍ୟାମ୍ପର ନିକଟବର୍ତ୍ତୀ ସ୍ଥାନରେ ଆଉ ଏକ ପାରା ମରିଥିବା ସେ ଦେଖିଲେ। ଯାହାକି ତାଙ୍କୁ ବହୁତ କଷ୍ଟ ଲାଗିଥିଲା। କ୍ୟାମ୍ପରୁ ଫେରିବା ପରେ ସେ ମୃତ ଓ ଆହତ ଚଢେଇଙ୍କ ପାଇଁ କାମ କରିବାକୁ ନିଷ୍ପତ୍ତି ନେଲେ। ଆଉ ନିଜ ସାଇକେଲକୁ ବାର୍ଡ ଆମ୍ବୁଲାନ୍ସ ସଜାଇ ସବୁଦିନ ସକାଳେ ବାହାରିଲେ ଚଢେଇଙ୍କୁ ଉଦ୍ଧାର କରିବାକୁ। ଏବେ ଲୋକେ ବି ବେଶ୍ ଭଲଭାବେ ମଞ୍ଜିତଙ୍କୁ ଜାଣି ଗଲେଣି। କୌଣସି ଆହତ ଚଢେଇ ଅବା ଚଢେଇର ମୃତ ଶରୀର ଦେଖିଲେ ମଞ୍ଜିତ୍‌ଙ୍କୁ ଫୋନ୍ କରି ଜଣାଉଛନ୍ତି। ଆଉ ସେ ତୁରନ୍ତ ସେଠାରେ ପହଞ୍ଚି ଚଢେଇଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିଯାଉଛନ୍ତି। ହଜାର ହଜାର ଚଢେଇଙ୍କ ଜୀବନ ବଞ୍ଚାଇଥିବାରୁ ତାଙ୍କ ନାଁ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ବି ସ୍ଥାନ ପାଇଛି।




# କ୍ୟାଟ୍ ମ୍ୟୁଜିୟମ୍

ମାଲେସିଆର କୁଚିଂ ସହର ଖୁବ୍ ବିଲେଇ ପ୍ରିୟ। ଏଇ ସହରର ଗଳିକନ୍ଦି, ଛକ ଆଦି ସ୍ଥାନରେ ବଡ଼ ବଡ଼ ବିଲେଇ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ। ଏମିତିକି ଅନେକ କ୍ୟାଟ ଫ୍ରେଣ୍ଡଲି ହୋଟେଲ ବି ଏଠି ଅଛି। କେବଳ ସେତିକି ନୁହେଁ ବିଲେଇ ପ୍ରିୟ ଏଇ ସହରରେ ଏକ ବିଲେଇ ସଂଗ୍ରହାଳୟ ବି ଅଛି, ଯାହାକି ପୃଥିବୀର ପ୍ରଥମ ବିଲେଇ ସଂଗ୍ରହାଳୟ। ଏହି ସଂଗ୍ରହାଳୟ ପୂରାପୂରି ବିଲେଇମୟ। କେଉଁଠି ବିଲେଇର ପ୍ରତିମୂର୍ତ୍ତି ତ କେଉଁଠି ବିଲେଇର ଫଟୋ। ପୁଣି କେଉଁଠି ବିଲେଇକୁ ନେଇ କିଛି ନିଆରା କଳାକୃତି ଏଠି ଦେଖିବାକୁ ମିଳେ। ୪୦୦୦ରୁ ଉର୍ଦ୍ଧ୍ୱ ବିଲେଇ କଳାକୃତି ଏଠାରେ ଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଏଠାରେ ଇଜିପ୍ଟର ମମି ହୋଇଥିବା ବିଲେଇ ବି ଦେଖିବାକୁ ମିଳେ। ପବ୍ଲିକ ହଲିଡେ'କୁ ଛାଡି ଦେଲେ ଅନ୍ୟସବୁ ଦିନ ଏହା ଖୋଲା ରହେ। ସଂଗ୍ରହାଳୟଟି ୧୦୩୫ ବର୍ଗମିଟର ଅଞ୍ଚଳରେ ପରିବ୍ୟାପ୍ତ।









# ମାଟି ରେଫ୍ରିଜିରେଟର

ପୂର୍ବେ ପାଣିକୁ ଥଣ୍ଡା ରଖିବା ପାଇଁ ମାଟିପାତ୍ର ବ୍ୟବହାର କରାଯାଉଥିଲା। ମାଟିପାତ୍ର ଯଦି ପାଣିକୁ ଥଣ୍ଡା ରଖିପାରୁଛି ତେବେ ଏହା ଅନ୍ୟ ସାମଗ୍ରୀକୁ ବି ଥଣ୍ଡା ରଖିପାରିବ ବୋଲି ଚିନ୍ତା କଲେ ତାମିଲନାଡୁ, କୋଏମ୍ବାଟୁରସ୍ଥ କରୁମାଥମ୍ପତି ନିବାସୀ ଏମ୍. ଶିବସାମୀ। ୭୦ ବର୍ଷୀୟ ଶିବସାମୀ ଜଣେ କୁମ୍ଭାର । ସେ ନିଜ ଦୀର୍ଘବର୍ଷର ମାଟି ପାତ୍ର ନିର୍ମାଣର ଅଭିଜ୍ଞତାକୁ ଏକାଠି କରି ମାଟିରେ ତିଆରି କଲେ ଏକ ଇକୋ ଫ୍ରେଣ୍ଡଲୀ ରେଫ୍ରିଜିରେଟର। ଏହି ରେଫ୍ରିଜିରେଟର୍ ବିଦ୍ୟୁତ୍‌ଚାଳିତ ନୁହେଁ। କିନ୍ତୁ ପନିପରିବାକୁ ୪ଦିନ ପର୍ଯ୍ୟନ୍ତ ସତେଜ ରଖିପାରିବ। ଏହି ରେଫ୍ରିଜିରେଟର ତିଆରି କରିବା ଲାଗି ସେ ଦୁଇଟି ସିଲିଣ୍ଡର ଆକାରର ମାଟିପାତ୍ର ବ୍ୟବହାର କରିଛନ୍ତି, ଯାହାକୁ ଗୋଟିକ ଉପରେ ଗୋଟେ ରଖିବାକୁ ହୁଏ। ତଳ ମାଟିପାତ୍ରର ପଛଭାଗରେ ଏକ ସ୍ଥାନ ଅଛି ଯାହା ମଧ୍ୟ ଦେଇ ପାଣି ଢଳାଯାଏ। ଏଥିରେ ୧୫ ଲିଟର ପର୍ଯ୍ୟନ୍ତ ପାଣି ରହିପାରେ। ଉପର ମାଟି ପାତ୍ରରେ ରଖାଯିବ ପନିପରିବା ଅବା ଖୀର, ଦହି ଆଦି। ମାଟିପାତ୍ରରେ ପାଣି ରହିବାରୁ ତାହା ଥଣ୍ଡା ରହେ। ଆଉ ତା' ପ୍ରଭାବରେ ଉପର ପାତ୍ରରେ ଥିବା ସାମଗ୍ରୀ ଥଣ୍ଡା ରହେ। ଏହି ରେଫ୍ରିଜିରେଟରର ମୂଲ୍ୟ ୧୭୦୦-୧୮୦୦ଟଙ୍କା ରହିଛି। ବିନା ବିଦ୍ୟୁତରେ ପନିପରିବା ସତେଜ ରହିପାରୁଥିବାରୁ ଲୋକେ ଏହାକୁ ବହୁତ ପସନ୍ଦ କରୁଛନ୍ତି।